ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.24 . No.108 Bhubaneswar Wednesday, June 09, 2021 ୨୪ତମ ବର୍ଷ ସଂଖ୍ୟା-୧୦୮ ଭୁବନେଶ୍ୱର, ବୁଧବାର, ଜୁନ୍ ୦୯, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ, ସୂଚନା ଏବଂ ପ୍ରସାରଣ ଏବଂ ଭାରି ଶିଳ୍ପ ଏବଂ ସାର୍ବଜନୀନ ଉଦ୍ୟୋଗ ମନ୍ତ୍ରୀ ପ୍ରକାଶ ଜାଭେଦକର ଭିଡ଼ିଓ କନଫରେନ୍ସିଂ ଜରିଆରେ ଏକକ ବ୍ୟବହାର ପ୍ଲାଷ୍ଟିକ ଉପରେ ଏକ ସଚେତନତା ଅଭିଯାନର ଶୁଭାରମ୍ଭ ଅବସରରେ ସମ୍ବୋଧିତ କରିଛନ୍ତି

## ଆଜି କ୍ୟାବିନେଟ୍

ଭୁବନେଶ୍ୱର, ୮।୬(ପି.ଏନ): ଆସନ୍ତାକାଲି (ବୁଧବାର) ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ । ଲୋକସେବା ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ସାମିଲ ହେବେ। ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ବାଜିବାର ସମ୍ଭାବନା ରହିଛି।

## ଉପରାଷ୍ଟ୍ରପତିଙ୍କୁ ଭେଟିଲେ ଆସାମ ବିଧାନସଭା ବାଚସ୍ପତି

ନୂଆଦିଲ୍ଲୀ, ୮।୬(ପି.ଏନ): ଆସାମ ବିଧାନସଭାର ବାଚସ୍ପତି ବିଶ୍ୱଜିତ୍ ଦୋମାରୀ ମଙ୍ଗଳବାର ଦିନ ଉପରାଷ୍ଟ୍ରପତି ଏମ ଭେଙ୍କିଆ ନାଇଡୁଙ୍କୁ ଭେଟିଛନ୍ତି ।ଆସାମ ବିଧାନସଭାର ବାଚସ୍ପତି ବିଶ୍ୱଜିତ୍ ଦୋମାରୀ ଆଜି ଉପରାଷ୍ଟ୍ରପତିଙ୍କ ବାସଭବନରେ ଉପରାଷ୍ଟ୍ରପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ମାସରେ ଆସାମର ୧୫ତମ ବିଧାନସଭା ନିର୍ବାଚନରେ ବିଜେପି ବିଧାୟକ ବିଶ୍ୱଜିତ୍ ଦୋମାରୀ ନିର୍ବାଚିତ ହୋଇଥିଲେ।

## ଏୟାର ଲିଫ୍ଟରେ ଚିକିତ୍ସା ପାଇଁ କୋଲକାତା ଗଲେ ଭିଜିଲାନ୍ସ ନିର୍ଦ୍ଦେଶକ

ଭୁବନେଶ୍ୱର, ୮।୬(ପି.ଏନ): କୋଭିଡ୍‌ରେ ଆକ୍ରାନ୍ତ ବରିଷ୍ଠ ଆଇପିଏସ୍ ଅଫିସର ତଥା ଭିଜିଲାନ୍ସ ନିର୍ଦ୍ଦେଶକ ଡକ୍ଟର ଦେବାଶିଷ ପାଣିଗ୍ରାହୀଙ୍କୁ ସ୍ୱତନ୍ତ୍ର ଏକମୋ ଚିକିତ୍ସା ପାଇଁ କୋଲକାତା ନିଆଯାଇଛି। ମଙ୍ଗଳବାର କଟକ ଅଶ୍ୱିନୀ କୋଭିଡ ହସ୍ପିଟାଲରୁ ଗ୍ରୀନ କରିଡରରେ ଭୁବନେଶ୍ୱର ବିମାନବନ୍ଦରକୁ ଅଣାଯାଇଥିଲା। ଏଠାରୁ ଏୟାର ଆମ୍ବୁଲାନ୍ସରେ କୋଲକାତା ନିଆଯାଇଛି।

## ଗୋଟିଏ ଦିନରେ ୫୮୯୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୮।୬(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୫୮୯୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୨୫୧୧୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୭୪୭୮୦୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୪୧୭୨ ରହିଛି । ଆଜି ଚିହ୍ନଟ ହୋଇଥିବା ୫୮୯୬ ଜଣଙ୍କ ମଧ୍ୟରୁ ୩୩୩୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୫୬୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୮୫୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୩୮୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୭୩ ଜଣ, ବରଗଡ଼ରୁ ୯୯ ଜଣ, ଭଦ୍ରକରୁ ୩୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୭୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୭୩ , କଟକରୁ ୩୪୯ ଜଣ, ଦେବଗଡ ଜିଲ୍ଲାରୁ ୨୨ ଜଣ, ଢେଙ୍କାନାଳ ଜିଲ୍ଲାରୁ ୩୦୬ ଜଣ, ଗଜପତି ଜିଲ୍ଲାରୁ ୪୪ , ଗଞ୍ଜାମରୁ ୩୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୩୨ ଜଣ, ଯାଜପୁରରୁ ୪୧୩ ଜଣ, ଝାରସୁଗୁଡ଼ାରୁ ୫୪ ଜଣ, କଳାହାଣ୍ଡିରୁ ୫୩ ଜଣ, କନ୍ଧମାଳ ଜିଲ୍ଲାରୁ ୬୫ ଜଣ. କେନ୍ଦ୍ରାପଡ଼ାରୁ ୨୩୫ ଜଣ, କେନ୍ଦୁଝରରୁ ୧୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୮୫୩ ଜଣ, କୋରାପୁଟରୁ ୧୨୯ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୧୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୬୧ ଜଣ, ନବରଙ୍ଗପୁରରୁ ୧୭୪ ଜଣ, ନୟାଗଡ଼ରୁ ୧୭୭ ଜଣ, ନୂଆପଡ଼ାରୁ ୩୭ ଜଣ, ପୁରୀରୁ ୨୪୧ ଜଣ, ରାୟଗଡ଼ାରୁ ୧୬୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୯୨ ଜଣ, ସୋନପୁରରୁ ୭୭ ଜଣ, ସୁନ୍ଦରଗଡ଼ରୁ ୧୧୩ ଜଣ ଓ ଷ୍ଟେଟ୍ ପୁଲରୁ ୧୪୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ୨୫ କୋଟି ଡୋଜ୍ କୋଭିଶିଲ୍ଡ ଓ ୧୯ କୋଟି ଡୋଜ୍ କୋଭାକ୍ସିନ୍ କିଣିବାକୁ ସାନି ଅର୍ଡର

ନୂଆଦିଲ୍ଲୀ, ୮।୬(ପି.ଏନ): ଭାରତ ସରକାର ପ୍ରଭାବୀ ଟିକାକରଣ ଅଭିଯାନ ନିମନ୍ତେ 'ସମ୍ପୂର୍ଣ୍ଣ ସରକାର' ଦୃଷ୍ଟିକୋଣ ସହିତ ଚଳିତ ବର୍ଷ ଜାନୁଆରୀ ୧୬ ତାରିଖ ଠାରୁ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ପ୍ରଦେଶ ସରକାରଙ୍କ ପ୍ରୟାସରେ ସହାୟତା କରି ଆସୁଛନ୍ତି। କେନ୍ଦ୍ର ସରକାରଙ୍କୁ ମିଳିଥିବା ବିଭିନ୍ନ ପ୍ରସ୍ତାବଗୁଡ଼ିକର ଆଧାରରେ ଭାରତ ସରକାର ଟିକାକରଣ ନୀତିକୁ ଉଦାରୀକରଣ କରିଥିଲେ। ଏହି ଉଦାର ନୀତି ଅନୁଯାୟୀ, ୧ ମଇ, ୨୦୨୧ ଠାରୁ ଦେଶରେ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହୋଇଥିଲା। ଏଥିରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ଟିକାକରଣ କରାଯାଉଛି। ଏବେ ଦେଶବ୍ୟାପୀ ଟିକାକରଣ ଅଭିଯାନକୁ ଆହୁରି ଅଧିକ ସାର୍ବଜନୀନ କରିବା ଉଦ୍ଦେଶ୍ୟରେ ୧୮ ବର୍ଷରୁ ଅଧିକ ଆୟୁର ସମସ୍ତ ନାଗରିକମାନଙ୍କୁ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ସମ୍ପୂର୍ଣ୍ଣ ଭାବେ ମାଗଣାରେ ଟିକା ଦିଆଯିବ ।ପ୍ରଧାନମନ୍ତ୍ରୀ ଏ ସଂକ୍ରାନ୍ତରେ ଘୋଷଣା କରିବାର ତୁରନ୍ତ ପରେ ଜାତୀୟ କୋଭିଡ ଟିକାକରଣ କାର୍ଯ୍ୟକ୍ରମର ମାର୍ଗଦର୍ଶିକାରେ ଗତକାଲି ପରିବର୍ତନ କରାଯାଇଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ୨୫ କୋଟି ଡୋଜ୍ କୋଭିଶିଲ୍ଡ କିଣିବା ଲାଗି ସିରମ୍ ଇନଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆକୁ ଅର୍ଡର ଦିଆଯାଇଥିବା ବେଳେ ୧୯ କୋଟି ଡୋଜ୍ କୋଭାକ୍ସିନ କ୍ରୟ ନିମନ୍ତେ ଭାରତ ବାୟୋଟେକକୁ ଅର୍ଡର ଦିଆଯାଇଛି ।କୋଭିଡ-୧୯ ଟିକାର ଏହି ୪୪ କୋଟି (୨୫+୧୯) ଡୋଜ୍ ଆଜିଠାରୁ ଡିସେମ୍ବର ୨୦୨୧ ମଧରେ ଉପଲବ୍ଧ ହେବ। ଏହାବ୍ୟତୀତ ଦୁଇ କୋଭିଡ ଟିକା କ୍ରୟ ନିମନ୍ତେ ସିରମ୍ ଇନଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆ ଓ ଭାରତ ବାୟୋଟେକକୁ ୩୦ ପ୍ରତିଶତ ଅଗ୍ରିମ ରାଶି ଜାରି କରାଯାଇଛି।

## ଶିଶୁ ମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ : ତାଲିମ ନେବେ ୧୧୧୪ ଡାକ୍ତର

ଭୁବନେଶ୍ୱର, ୮।୬(ପି.ଏନ): କୋଭିଡ ତୃତୀୟ ଲହରରେ ଶିଶୁମାନେ ଅଧିକ ପ୍ରଭାବିତ ହେବାର ଆଶଙ୍କା ସଂପର୍କରେ ବିଶେଷଜ୍ଞମାନେ ମତ ଦେଉଥିବାରୁ, ଏବେଠାରୁ ଏହାର ମୁକାବିଲା ପାଇଁ ପ୍ରସ୍ତୁତ ରହିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ ଚିକିତ୍ସା ସୁବିଧାର ବିକାଶ, ଆବଶ୍ୟକ ଉପକରଣ ଏବଂ ଔଷଧ ମହଜୁଦ ରଖିବା ସଂଗେ ସଂଗେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଶିଶୁ ରୋଗ ସଂପର୍କରେ ତାଲିମ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ତୃତୀୟ ଲହର ପାଇଁ ଗଠିତ ଟେକ୍ନିକାଲ ଟାସ୍କ ଫୋର୍ସ କମିଟି ର ସୁପାରିଶ ଅନୁଯାୟୀ ଆଗୁଆ ପ୍ରସ୍ତୁତି କରିବା ସହ ବର୍ତ୍ତମାନ ରାଜ୍ୟରେ ଦୈନିକ ଟିକାକରଣ ଦେଢ ଲକ୍ଷ ଥିବାବେଳେ, ଏହାକୁ ୩ ଲକ୍ଷକୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସଂଧ୍ୟାରେ ଭିଡିଓ କନ୍‌ଫରେନ୍‌ସିଂ ଯୋଗେ ରାଜ୍ୟରେ କୋଭିଡ ପରିସ୍ଥିତି ସଂପର୍କରେ ସମୀକ୍ଷା କରିଥିଲେ । ରାଜ୍ୟରେ କୋଭିଡ ସଂକ୍ରମରେ ଉନ୍ନତି ପରିଲକ୍ଷିତ ହେବା ସହିତ ପଜିଟିଭିଟି ରେଟ୍ ହ୍ରାସ ପାଇଥିବାରୁ ମୁଖ୍ୟମନ୍ତ୍ରୀ ଆଶ୍ୱସ୍ତି ପ୍ରକାଶ କରିଥିଲେ ଏବଂ ଆଗାମୀ କିଛି ସପ୍ତାହ ମଧରେ ପରିସ୍ଥିତିରେ ଆହୁରି ଉନ୍ନତି ଆସିବ ବୋଲି ଆଶାପ୍ରକାଶ କରିଥିଲେ । ତଥାପି କେତେକ ଜିଲ୍ଲାରେ ପଜିଟିଭିଟ୍ ରେଟ୍ ଅଧିକ ଥିବାରୁ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହାସହିତ ବର୍ତ୍ତମାନ ଚାଲିଥିବା ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ସଂପର୍କରେ ସଚେନତା ସହିତ ତାର ଉପଯୁକ୍ତ ତଦାରଖ ଏବଂ ଲକ୍ଷଣଯୁକ୍ତ ରୋଗୀଙ୍କର ତୁରନ୍ତ ଚିକିତ୍ସା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପରିସ୍ଥିତିରେ ଉନ୍ନତି ଆସିଥିଲେ ମଧ ଦ୍ୱିତୀୟ ଲହର ପ୍ରଭାବରୁ ଆମେ ଏବେ ମଧ ସଂପୂର୍ଣ୍ଣ ମୁକ୍ତ ହୋଇନାହୁଁ । ତାସହିତ ବିଭିନ୍ନ ପର୍ବପର୍ବାଣୀ ଆସୁଥିବାରୁ ଆମକୁ ଅଧିକ ସତର୍କତା ଅବଲମ୍ବନ କରିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏଥିପାଇଁ କୋଭିଡ ନିୟମାବଳୀକୁ ଆହୁରି କଡାକଡି ଭାବରେ ପାଳନ କରିବା ପାଇଁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବ୍ଲାକ୍ ଫଙ୍ଗସ୍ ସଂକ୍ରମଣ ମଧ ବୃଦ୍ଧି ପାଉଥିବାରୁ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହିତ ସେଥିପାଇଁ ଆବଶ୍ୟକ ଔଷଧ ମହଜୁଦ ରଖିବା ଏବଂ ଆବଶ୍ୟକ ସ୍ଥଳେ ଜରୁରୀ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟରେ ଅକ୍‌ସିଜେନ ଯୋଗାଣ ସନ୍ତୋଷଜନକ ରହିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହିତ ସିଲିଣ୍ଡର ଉପଲବ୍‌ଧତାରେ ଉନ୍ନତି ଘଟିଛି ବୋଲି କହିଥିଲେ । ଯେଉଁ ଜିଲ୍ଲା ଗୁଡିକରେ ସଂକ୍ରମଣ ହାର କମୁଛି, ସେଠାରେ ପର୍ଯ୍ୟାୟକ୍ରମେ ଅନ୍-ଲକ୍ ପ୍ରକ୍ରିୟା ଆରମ୍ଭ କରିବା ବିଷୟ ସରକାରଙ୍କ ବିଚରାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ରାଜ୍ୟରେ ପିଜିଟିଭିଟି ହାର କମି ଥିବାରୁ ଆଇସିୟୁ ଓ ଅକ୍‌ସିଜେନ ସଂଯୁକ୍ତ ବେଡ୍ ଉପରେ ଚାପ ହ୍ରାସ ପାଇଛି। ଖୁବଶୀଘ୍ର ସଂକ୍ରମଣ ୫ ପ୍ରତିଶତକୁ ହ୍ରାସ ପାଇବ ବୋଲି ସେ ଆଶାପ୍ରକାଶ କରିଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ପି.କେ ମହାପାତ୍ର କହିଥିଲେ ରାଜ୍ୟରେ ବର୍ତମାନ ୮୬ ପ୍ରତିଶତ କୋଭିଡ ରୋଗୀ ଘରେ ରହି ଚିକିତ୍ସିତ ହେଉଥିବା ବେଳେ ଡାକ୍ତରଖାନାରେ ୬୮ ପ୍ରତିଶତ ବେଡ ଖାଲି ରହିଛି। ରାଜ୍ୟରେ ଅକ୍‌ସିଜେନ ଯୋଗାଣ ଠାରୁ ଆରମ୍ଭ କରି ସମସ୍ତ ଆବଶ୍ୟକ ଔଷଧ ପର୍ଯ୍ୟାପ୍ତ ରହିଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଆରମ୍ଭ କରି ମେଡିକାଲ କଲେଜ ପର୍ଯ୍ୟନ୍ତ ୧୧୧୪ ଡାକ୍ତର ଓ ୧୦୩୬ ସ୍ୱାସ୍ଥ୍ୟକର୍ମୀଙ୍କୁ ଶିଶୁ କୋଭିଡ ରୋଗୀଙ୍କ ତାଲିମ ଆରମ୍ଭ କରାଯିବ। ଏହାସହିତ ତୃତୀୟ ଲହରର ମୁକାବିଲା ପାଇଁ ୩୦୦୦ ବେଡ୍, ୨୩୯୦ ଆଇସୋଲେସନ୍ ବେଡ୍ , ୬୧୦ ଆଇସିୟୁ ବେଡ୍ ପ୍ରସ୍ତୁତ ରଖାଯାଇଛି ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ । ଏହାସହିତ ଜୁନ୍ ମଧ ଭାଗରୁ ଗଞ୍ଜାମ, କୋରାପୁଟ ଓ ରାୟଗଡା ଜିଲ୍ଲାରେ ଚତୁର୍ଥ ସେରୋ ସର୍ଭେ ଆରମ୍ଭ କରାଯିବ ଏବଂ ଏଥିରେ ପିଲାମାନଙ୍କ ବିଷୟରେ ବିଶେଷ ତଥ୍ୟ ସଂଗ୍ରହ କରାଯିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ବର୍ତମାନ ଅଧିକ ସଂକ୍ରମଣ ହାର ଥିବା ରାୟଗଡା, ଯାଜପୁର, ପୁରୀ ଓ ଜଗତସିଂହପୁର ଜିଲ୍ଲାର ଜିଲ୍ଲାପାଳ ତଥା ଭୁବନେଶ୍ୱର ଓ କଟକ ମୁନିସ୍‌ପାଲ କମିଶନର ମାନଙ୍କ ସହିତ ସ୍ଥାନୀୟ ପରିସ୍ଥିତି ସଂପର୍କରେ ପଚାରି ବୁଝିଥିଲେ । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୮୩ ଲକ୍ଷ ୬୨ ହଜାର ୧୦୫ ଡୋଜ୍ ଟିକା ଦିଆଯାଇଛି ଏବଂ ଟିକାକରଣ କ୍ଷେତ୍ରରେ ଭୁବନେଶ୍ୱର ସବୁଠାରୁ ଆଗରେ ରହିଛି ବୋଲି ଜଣାଯାଇଛି । ଜୁଲାଇ ୧୫ ସୁଦ୍ଧା ଭୁବନେଶ୍ୱରରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ସବୁ ଲୋକଙ୍କର ଦୁଇଟି ଡୋଜ ଟିକାକରଣ ହେବା ସହିତ ୧୮ ରୁ ୪୪ ବର୍ଷ ସମସ୍ତଙ୍କ ପ୍ରଥମ ଡୋଜ ସଂପୂର୍ଣ୍ଣ ହୋଇଯିବ ।ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଉନ୍ନୟନ କମିଶନର, ପୋଲିସ ଡିଜି, ଅଗ୍ନିଶମ ସେବା ଡିଜି, ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ଏସ୍.ପି ମାନେ ଯୋଗ ଦେଇଥିଲେ ।


## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



### ✓ ରଘୁନାଥ ସାମନ୍ତରାୟ

କ୍ଷେତ୍ରପାଳ, ଚଣ୍ଡିଖୋଲ, ଯାଜପୁର
ତିରୋଧାନ : ୩୦.୦୫.୨୦୨୧

ତୁମର ଆଦର୍ଶ, ସରଳତା, କର୍ମନିଷ୍ଠା, ସ୍ନେହ ଓ ଭଲ ପାଇବା ତଥା ପରକୁ ଆପଣେଇବା ଆମ ସମସ୍ତଙ୍କ ପାଇଁ ଅମର ହୋଇ ରହିବ। ଅନେକ ସ୍ମୃତି... ଅଶ୍ରୁଳ, ତୁମର ପ୍ରତିଟି କାର୍ଯ୍ୟ ଓ ଦାୟିତ୍ୱ ପାଇଁ ତୁମେ ଥିଲାବେଳେ ତୁମର ଆବଶ୍ୟକତା ଆମ ପାଇଁ କେତେ ଗୁରୁତ୍ୱ ଥିଲା ତାହା ଆଜି ହିଁ ଅନୁଭବ କରୁଛୁ। ତୁମର ଅମର ଆତ୍ମାର ଚିର ଶାନ୍ତି ଓ ସଦ୍‌ଗତି ଲାଭ କରୁ ପ୍ରଭୁ ଜଗନ୍ନାଥଙ୍କ ଠାରେ ଭକ୍ତିପୂତ ପ୍ରାର୍ଥନା କରୁଛୁ।

ସାନଭାଇ - ଏକାଦଶୀ ସାମନ୍ତରାୟ, ଭାଇ ବୋହୂ - ସୁକାନ୍ତି ସାମନ୍ତରାୟ, ପୁଅ - ସନ୍ତୋଷ, ବୋହୂ- ଆଶାରାଣୀ, ଝିଅ - ଜ୍ୟୋସ୍ନା, କାଞ୍ଚନ ସାରଥୀ, ପୁଷ୍ପଲତା, ଜ୍ୱାଇଁ - ଦ୍ୟୁଜବର, ସୁବାଷ, ପ୍ରିୟନାଥ, ଟୁକୁନା, ପୁତୁରା - ପବିତ୍ର, ବିଚିତ୍ର, ଶିବ, ବିଭୂତି, ଲକ୍ଷ୍ମୀଧର, ସୂର୍ଯ୍ୟମଣି, କୁଳମଣି, ନୀଳମଣି, ଦୋଳଗୋବିନ୍ଦ, ଜଳଧର, ନିର, କ୍ଷୀର, ଗୋବିନ୍ଦ, ବନମାଳି, ରବୀନ୍ଦ୍ର, ପୁତୁରା ବୋହୂ- ପ୍ରେମଲତା, ହେନା, ଝିଲି, ଲିନା, ସର, ଦେବକି, କାଞ୍ଚନ, କଣ୍ଢେଇ, ବାସ, ଅଶୋକ, ପ୍ରମିଳା, ସାବିତ୍ରୀ, ଝିଆରୀ- ଭାରତୀ, ମୀନତି, ଗାୟତ୍ରୀ, ଶାନ୍ତି, ପଦୀ, ଗୁଲି, ଝିଆରି ଜ୍ୱାଇଁ- ମୁଟୁରା, ନିହାର, ସପନ, ନାତି- ବିଜୁ, ପପୁନି, ମଣ୍ଟୁ, ଟୁଟୁ, ବୁଲୁ, ସିଙ୍କୁ, ଆନନ୍ଦ, ଓମ୍, ପୁପୁନ୍, ଚଗ, କାହ୍ନା, ଦୀପୁ, ଲିକୁନା, ମାହି, ମଙ୍ଗୁ, ସାହେବ, ଚଇ, ନାତୁଣୀ- ସିଲୁ, କୁହୁ, ମିକି, ଝିଲି, ବକି, ଗେହ୍ଲି, ଇତ, ଜଲ୍ଲି, ନକ୍ଷି, ଝୁମା, ପିନୁ, ମୁନ୍, ଅଣନାତି- ଆଦି, ରୁଦ୍ର, ମଧୁ, ପପୁନି, ଅଣନାତୁଣୀ- ମୁନ୍ ଚଗଲି, କୁମାରୀ, ଗେଲି, ପିୟୁ।

ମହର୍ଷି ପବ୍ଲିକ ସ୍କୁଲ ସମୂହ, ବେଦିକ ଇଣ୍ଟରନ୍ୟାସନାଲ ଫାଉଣ୍ଡେସନ, ପର୍ଯ୍ୟବେକ୍ଷକ ଓ ଦି କଳିଙ୍ଗ କ୍ରୋନିକିଲ୍ ପରିବାର










# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁଭବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ୱା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି



ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ



ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।




# ମଣିମଲ୍ଲଙ୍କଠାରୁ ମଧୁବାବୁ...



“ମୁଁ ଜନ୍ମଗତ ସମ୍ମାନ ଓ ନିଜ ଦ୍ୱାରା ଅର୍ଜିତ ସମ୍ମାନର ପାର୍ଥକ୍ୟ ଶିଖିଲି ଏବଂ ଭବିଷ୍ୟତ ଜୀବନରେ ଆତ୍ମ ଅର୍ଜିତ ସମ୍ମାନ ପାଇବା ପାଇଁ ଚେଷ୍ଟା କରିବି ବୋଲି ଠିକ୍ କଲି।” ଜନ୍ମଗତ ସମ୍ମାନ ଓ ଆତ୍ମ ଅର୍ଜିତ ସମ୍ମାନ ପ୍ରତି ବାଲ୍ୟକାଳରୁ ସଚେତନ ଥିଲେ ଉତ୍କଳଗୌରବ ମଧୁସୂଦନ ଦାସ। ଏକଦା ବାରମାଟି ଖୋରଧା ଥିଲା ସେମାନଙ୍କର ବାସସ୍ଥଳୀ। ଜଟଣୀ ରଥପୁରରେ ତାଙ୍କର ପୂର୍ବପୁରୁଷମାନେ ଅବସ୍ଥାନ କରୁଥିଲେ। ବିଶିଷ୍ଟ ଔପନ୍ୟାସିକ ତଥା ଖ୍ୟାତନାମା ସାମ୍ବାଦିକ ସୁରେନ୍ଦ୍ର ମହାନ୍ତିଙ୍କ 'ମଧୁସୂଦନ ଦାସ' ପୁସ୍ତକରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସେଥିରେ ସେ ଲେଖିଛନ୍ତି- “ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶାର ଶାସନ କ୍ଷେତ୍ରରେ ଗୋଟିଏ ପ୍ରବଳ ଆଲୋଡ଼ନ, ବିଲୋଡ଼ନ ଓ ଅନିଶ୍ଚିତତା ଲାଗି ରହିଥିବାବେଳେ ମଣିମଲ୍ଲ ନାମକ ଜଣେ ଖଣ୍ଡାୟତ ସର୍ଦ୍ଦାର ସ୍ୱାଧୀନ ଉତ୍କଳର ଶକ୍ତିପୀଠ ଖୋରଧାରୁ ଉଠିଆସି ସତ୍ୟଭାମାପୁର ଗ୍ରାମରେ ଗୋଟିଏ ଚଉପାଢ଼ୀ ସ୍ଥାପନ କରି ସେଠାରେ ବସବାସ କରିଥିଲେ।”

ସତ୍ୟଭାମାପୁରର ଏହି ପରିବାରଟି ଥିଲା ବହୁ ଭୂସମ୍ପତ୍ତିର ଅଧିକାରୀ, ଗୋଟିଏ ଧନଶାଳୀ ପରିବାର। ଗ୍ରାମର ପଶ୍ଚିମ ପ୍ରାନ୍ତକୁ ଗୋଟିଏ ବିରାଟ ଚକଘେରା ହତାବାଡ଼ି ଭିତରେ ଠିଆ ହୋଇଥିବା ଖେଦୁରୀ ପରିବାରର ଗଡ଼ଜମିଦା ସାଙ୍ଗ ଶେଣିଆ ହାତୀଶାଳ ପରି ଖଞ୍ଜାଘର। ଖାଲି ଏ ଘର ତ ନୁହେଁ, ଘର ଚାରିପାଖେ ଆମ୍ବତୋଟା, ନଡ଼ିଆମାଳ, ଫୁଲ ବଗିଚା ଆଉ ଅମାରଘରର ଗହଳିରେ ଚଉଦମାଣିଆ ଚକଟା ଭରପୂର ହୋଇ ଉଠିଥିଲା। ମାତ୍ର ୧୮୦୩ ମସିହାରେ ଓଡ଼ିଶା ଇଂରେଜମାନଙ୍କ ହାତକୁ ଚାଲିଯିବା ପରଠାରୁ ସତ୍ୟଭାମାପୁର ଚୌଧୁରୀ ପରିବାରର ସୌଭାଗ୍ୟ-କର୍ପୂର ଦିନୁ ଦିନ ଉଡ଼ିଯିବାରେ ଲାଗିଲା। ବର୍ଷକୁ ବର୍ଷ ନୂଆ ଜମାବନ୍ଦି ଫଳରେ ଜମାବୃଦ୍ଧି ସାଙ୍ଗକୁ ରାଜସ୍ୱ ଠିକ୍ ସମୟରେ ପଇଠ ଦେଇ ନ ପାରିବା ଫଳରେ ଖେଦୁରୀ ପରିବାରର ଜମିଦାରୀ ଇଲାକା ସବୁ ସୂର୍ଯ୍ୟାସ୍ତ ଆଇନ ବଳରେ କଲିକତା ଠାରେ ନିଲାମ ଉଠିବାକୁ ଲାଗିଲା। ଏହାର ନିକଟରେ ବିଶ୍ୱନ୍ତପୁର ଏକ ରାଜ୍ୟ ଥିଲା। ଏହାର ରାଜା ଥିଲେ କୃପାସିନ୍ଧୁ ଶ୍ରୀଚନ୍ଦନ। ସୂର୍ଯ୍ୟାସ୍ତ ଆଇନ ବଳରେ ୧୮୧୪ ଖ୍ରୀଷ୍ଟାବ୍ଦରେ ତାଙ୍କ ରାଜ୍ୟ ନିଲାମ ହୋଇଥିଲା। ନିମାପଡ଼ା ଅଞ୍ଚଳ ଗଡ଼ର ରାଜା ଜଗଜ୍ଜୀତ ରାଉତସିଂହଙ୍କ ରାଜ୍ୟ ମଧ୍ୟ ସେହିଭଳି ଚାଲିଯାଇଥିଲା। ଓଡ଼ିଶାରୁ କଲିକତାକୁ ଯିବା ପାଇଁ ସେତେବେଳକୁ ରେଳରାସ୍ତା ବା ପାଦଚଲା ବାଟ ମଧ୍ୟ ନଥାଏ। ତେଣୁ ଓଡ଼ିଆ ଜମିଦାରମାନଙ୍କ ଇଲାକା ସବୁ ତେଣେ ନିଲାମରେ ଉଠିଲା ବେଳକୁ ସେ ଖବରଟା ସୁଦ୍ଧା ଓଡ଼ିଶାରେ ଆସି ପହଞ୍ଚ ପାରୁ ନଥାଏ। ଏପରି ଭାବରେ ଓଡ଼ିଶାର ବହୁ ସଂଭ୍ରାନ୍ତ ପରିବାର ପରି ସତ୍ୟଭାମାପୁର ଖେଦୁରୀ ପରିବାର କଲିକତାର 'ଲାଣ୍ଡ ସେକ୍ୟୁଲେଟର'ମାନଙ୍କ ହାତରେ ନିଜର ଅଧିକାଂଶ ଜମିବାଡ଼ି ହରାଇବା ପରେ ଆର୍ଥିକ ସ୍ଥିତି ଦୁର୍ବଳ ହୋଇ ପଡ଼ିଲା। ସଂସାର ଯାତ୍ରାର ଅନଟନ ସତ୍ତ୍ୱେ ପିତା ରଘୁନାଥଙ୍କ ମନରେ ଆଭିଜାତ୍ୟ ଆଉ ଆତ୍ମଗୌରବର ଗୋଟିଏ ପ୍ରଚ୍ଛନ୍ନ ଭାବ ସବୁବେଳେ ଲାଗି ରହିଥାଏ। କାହିଁ କେତେ ପୁରୁଷତଳେ ସତ୍ୟଭାମାପୁର ଚଉପାଢ଼ିର ଆଦି ସ୍ଥାପୟିତା ମଣି ମଲ୍ଲଙ୍କର ରକ୍ତ ଯେ ତାଙ୍କର ଧମନୀରେ ବି ପ୍ରବାହିତ ହେଉଅଛି, ଏହି ଧାରଣାଟା ସବୁବେଳେ ମନରେ ଖେଳି ବୁଲୁଥାଏ। ଉକ୍ତ ପ୍ରସଙ୍ଗଟି ମଧୁବାବୁଙ୍କ ଜୀବନୀ ଉପରେ ଆଧାରିତ ଅନ୍ୟ ଏକ ପୁସ୍ତକ 'ଶତାବ୍ଦୀର ସୂର୍ଯ୍ୟ'ରେ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ଉଲ୍ଲେଖ କରିଛନ୍ତି। ଖୋରଧା ଅଞ୍ଚଳରେ ଖଣ୍ଡାୟତମାନଙ୍କର ସଂଜ୍ଞା ନବଜାତକର ଜନ୍ମ ହେବା ସମୟରେ ବେଳେ ବେଳେ ପରିବର୍ତ୍ତନ କରି ଦିଆଯାଉଥାଏ। ଯାହା ଫଳରେ ମଧୁବାବୁ, ତାଙ୍କ ପିତା ସହ ପ୍ରପିତାମହମାନଙ୍କର ସଂଜ୍ଞା “ମଲ୍ଲ”ରୁ ଦାସ ହୋଇଯାଇଥିଲା।

ମଧୁବାବୁ ଥିଲେ ଉଚ୍ଚାଭିଳାଷୀ। ଆର୍ଥିକ ଅନଟନ ସତ୍ତ୍ୱେ ତାଙ୍କର ଶିକ୍ଷାର୍ଜନର ପିପାସା ପ୍ରବଳ ଥିଲା। ସେ ୧୮୬୪ ମସିହାରେ କଲିକତା ବିଶ୍ୱ ବିଦ୍ୟାଳୟରୁ ଏଣ୍ଟ୍ରାନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଉଚ୍ଚଶିକ୍ଷା ପାଇଁ ତାଙ୍କ ପାଖରେ ଅର୍ଥର ଅଭାବ ଥିଲା। ଉଚ୍ଚ ଶିକ୍ଷା ପାଇଁ ଅର୍ଥ ସଂଗ୍ରହ ନିମିତ୍ତ ବାଲେଶ୍ୱର ଜିଲ୍ଲା ସ୍କୁଲରେ କିଛିକାଳ ଶିକ୍ଷକତା କଲେ। ସେହି ସମୟରେ ତାଙ୍କର ଫକୀରମୋହନ ସେନାପତି, ରାଧାନାଥ ରାୟଙ୍କ ସଙ୍ଗେ ବନ୍ଧୁତା ହେଲା। ମଧୁବାବୁ ଉଚ୍ଚ ଶିକ୍ଷା ପାଇଁ ଷ୍ଟିମର ଯୋଗେ କଲିକତା ଗଲେ। ସେଠାରେ ପହଞ୍ଚିବା ପରେ ଆର୍ଥିକ ଅନଟନର ସମ୍ମୁଖୀନ ହେଲେ। ସେ ଭବାନୀପୁରର ଲଣ୍ଡନ ମିଶନ ସୋସାଇଟି କଲେଜରେ ପହଞ୍ଚିଲେ। ସେଠାରେ ସୁପରିଟେଣ୍ଡେଣ୍ଟ ରେଭେରେଣ୍ଡ ଜେ.ପି. ଆଷ୍ଟନ ତାଙ୍କର କରୁଣ କାହାଣୀ ଶୁଣି ତାଙ୍କୁ କଲେଜରେ ନାମ ଲେଖାଇବାକୁ ଅନୁମତି ଦେଲେ ଓ ପାଠ ପଢ଼ା ଖର୍ଚ୍ଚ ପାଇଁ ମାସିକ ଆଠ ଟଙ୍କା ବୃତ୍ତି ଦେବାର ବ୍ୟବସ୍ଥା କଲେ। ଉକ୍ତ ସାହାଯ୍ୟ ପାଇବାର ଆଶା ନଥିବାରୁ ଅନେକ ସମୟରେ ଉପବାସରେ ରହୁଥିଲେ। ତଥାପି କର୍ତ୍ତବ୍ୟ ପଥରେ ଅଟଳ ରହିଥିଲେ। ୧୮୬୮ ମସିହାରେ ସେ ଏଫ୍. ଏ. ପାଶ କଲେ। ୧୮୬୯ରେ ସେ ଖ୍ରୀଷ୍ଟିୟ ଧର୍ମରେ ଦୀକ୍ଷିତ ହୋଇଥିବାର ଜଣାପଡ଼େ। ୧୮୭୦ ମସିହାରେ କଲିକତା ବିଶ୍ୱ ବିଦ୍ୟାଳୟରୁ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଏହାଦ୍ୱାରା ସେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ ହେବାର ସୌଭାଗ୍ୟ ଅର୍ଜନ କଲେ। ୧୮୭୩ରେ ସେ ଏମ୍.ଏ ପାଶ କଲେ। ଏହାପରେ ସେ ଗାର୍ଡ଼ନରିଚ ହାଇସ୍କୁଲର ପ୍ରଧାନଶିକ୍ଷକ ପଦରେ ରହି ମାସିକ ଅଶୀଟଙ୍କା ଦରମା ପାଇଲେ। ପ୍ରଧାନ ଶିକ୍ଷକ ଥିବାବେଳେ କଲିକତା ବିଶ୍ୱ ବିଦ୍ୟାଳୟ ଆଇନ କଲେଜରେ ପଢ଼ିଲେ। ସେ ସମୟରେ ସାର୍ ଆଶୁତୋଷ ମୁଖାର୍ଜୀଙ୍କର ଗୃହ ଶିକ୍ଷକ ଥିଲେ। ପରବର୍ତ୍ତୀ ସମୟରେ ଆଶୁତୋଷ ମୁଖାର୍ଜୀ କଲିକତା ବିଶ୍ୱବିଦ୍ୟାଳୟର ଭାଇସ-ଚାନସେଲର ହୋଇଥିଲେ। ଶ୍ରୀ ମୁଖାର୍ଜୀ ସର୍ବଦା ମଧୁବାବୁଙ୍କୁ ତାଙ୍କର ବାଲ୍ୟଗୁରୁ ରୂପେ ସମ୍ବୋଧନ କରୁଥିଲେ।

ମଧୁବାବୁ କଲିକତା ହାଇକୋର୍ଟରେ କିଛି କାଳ ଓକିଲାତି କରି କଟକ ଚାଲିଆସିଲେ। ମଧୁବାବୁ ଏଠାରେ ଓକିଲାତି ଆରମ୍ଭ କଲାବେଳକୁ ସମସ୍ତ ପ୍ରତିଷ୍ଠିତ ଆଇନ ବ୍ୟବସାୟୀମାନେ ଥିଲେ ଓଡ଼ିଶା ବାହାରର ଲୋକ। ସେମାନେ ଏହି ତରୁଣ ଓକିଲଙ୍କୁ ନାନା ପ୍ରକାର ବ୍ୟଙ୍ଗ ବିଦ୍ରୁପ କଲେ। ସେ ପ୍ରଥମେ ଏକ ଗରିବ ଚାଷୀର ମୋକଦ୍ଦମା ହାତକୁ ନେଲେ। ଅନ୍ୟପକ୍ଷରେ ବାଦୀ ଥିଲେ ପୁରୀ ଏମାର ମଠର ମହନ୍ତ ମହାରାଜ। ସମସ୍ତ ଓକିଲ ମହନ୍ତ ମହାରାଜଙ୍କ ସପକ୍ଷରେ ଥିବାବେଳେ ଗରିବ ଚାଷୀ ପକ୍ଷରୁ ମଧୁବାବୁ ଲଢି ଜୟଯୁକ୍ତ ହେଲେ। ଫଳରେ ମଧୁବାବୁଙ୍କ ଖ୍ୟାତି ବଢିଗଲା। ସେ ବହୁ ବଡ଼ବଡ଼ ମକଦ୍ଦମାରେ ଜୟଯୁକ୍ତ ହୋଇଥିଲେ। ସେଥିମଧ୍ୟରୁ ଖଣ୍ଡପଡ଼ା ରାଜା ନଟବର ସିଂହ ମର୍ଦ୍ଦରାଜ, ପୁରୀ ରାଣୀ ସୂର୍ଯ୍ୟମଣି ପାଟମହାଦେଇ, କେନ୍ଦୁଝର ରାଜା, ଧନୁର୍ଜୟ ଭଂଜ ଓ ମାନସିଂହ ପାଟଣା ବାନା ଓ ରଙ୍ଗା ନାମରେ ଥିବା ଡ଼କାୟତି କେଶ୍ ଆଦିର ସଫଳତା ଯୋଗୁଁ ସେ ମଧୁ ବାରିଷ୍ଟର ରୂପେ ପରିଚତ ହେଲେ। ସେ ଓକିଲାତି ପେଶାରେ ବିଚକ୍ଷଣ ବୁଦ୍ଧିମତ୍ତାର ପରିଚୟ ଦେଇ ଜୟଯୁକ୍ତ ହୋଇପାରୁଥିଲେ। ମଧୁବାବୁ ଭାରତୀୟ ଜାତୀୟ କଂଗ୍ରେସର ସଭ୍ୟ ଥିଲେ। ସେ ୧୮୮୫ରୁ ୧୯୧୦ ମସିହା ପର୍ଯ୍ୟନ୍ତ ଭାରତର କଲିକତା, ମାନ୍ଦ୍ରାଜ, ଆହ୍ଲାବାଦ ପ୍ରଭୃତି ସ୍ଥାନରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗଦେଇଥିଲେ।



ମାତ୍ର ଏହାଦ୍ୱାରା ଓଡ଼ିଆଭାଷୀ ବିଭିନ୍ନ ଅଂଚଳଗୁଡ଼ିକର ଏକତ୍ରୀକରଣ ହୋଇପାରିବ ନାହିଁ ବୋଲି ସେ ହୃଦୟଙ୍ଗମ କଲେ। ତେଣୁ ସେ କଂଗ୍ରେସ ପରିତ୍ୟାଗ କରି ଉତ୍କଳ ସମ୍ମିଳନୀ ଗଢିଲେ। ମଧୁବାବୁଙ୍କ ଉଦ୍ୟମରେ କଟକରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ମୟୁରଭଂଜର ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। 'ଉତ୍କଳ ସମ୍ମିଳନୀ' ସବୁ ଓଡ଼ିଆ ଭାଷୀ ଲୋକଙ୍କର ଏକ ମିଳନ ପୀଠ ବୋଲି ଘୋଷଣା କଲେ। ସେତେବେଳକାଳର ଜାତୀୟବାଦୀ ଇଂରେଜ ଖବରକାଗଜ 'ଅମୃତବଜାର' ପତ୍ରିକାର ସମ୍ପାଦକ ମୋତିଲାଲ ଘୋଷ ଏ ସମ୍ମିଳନୀରେ ଯୋଗଦେଇଥିଲେ। “ଉତ୍କଳ ସମ୍ମିଳନୀ ପରି ଗଣଆନ୍ଦୋଳନ ଭାରତରେ ବିରଳ” ବୋଲି ସେ ମତ ଦେଇଥିଲେ। ମଧୁବାବୁ ୧୮୯୭ ଓ ୧୯୦୭ ଖ୍ରୀଷ୍ଟାବ୍ଦରେ ବିଲାତ ଯାଇଥିଲେ। ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ଲକ୍ଷ୍ୟ ଥିଲା। ଉତ୍କଳ ସମ୍ମିଳନୀର ବାରମ୍ବାର ଦାବି ଫଳରେ ୧୯୩୧ ମସିହା ସେପ୍ଟେମ୍ବର ମାସ ୧୮ ତାରିଖରେ ଓଡ଼ନେଲ କମିଶନ ଗଠନ ହେଲା। ୧୯୩୩ ମସିହା ମାର୍ଚ୍ଚ ମାସ ୧୭ ତାରିଖରେ ଭାଷା ଭିତ୍ତିରେ ଓଡ଼ିଶା ଓ ସିନ୍ଧୁ ପ୍ରଦେଶ ଗଠନ ହେବା ଘୋଷଣା ହେଲା। ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶଗଠିତ ହୋଇଥିଲେ ହେଁ ସେତେବେଳକୁ ମଧୁବାବୁ ଇହଜଗତରେ ନଥିଲେ।

ମଧୁବାବୁ ୧୯୧୩ ଜାନୁଆରୀ ୨୦ ତାରିଖରେ ବିହାର-ଓଡ଼ିଶା ରାଜ୍ୟ କାଉନସିଲର ସଦସ୍ୟ ଭାବେ ଶପଥ ନେଇଥିଲେ। ସେ ମଧ ୧୯୧୯ ମସିହାରେ ସ୍ୱାୟତ ଶାସନ ବିଭାଗର ମନ୍ତ୍ରୀଭାବେ ଦାୟିତ୍ୱ ନେଇଥିଲେ। ମନ୍ତ୍ରୀ ପଦ ପାଇବାରେ ସେ ଥିଲେ ପ୍ରଥମ ଓଡ଼ିଆ। ୧୯୨୩ ଫେବୃଆରୀ ମାସ ୭ ତାରିଖରେ ଅବୈତନିକ ଭାବେ ମନ୍ତ୍ରୀ କାର୍ଯ୍ୟ ତୁଲାଇବାକୁ ଓ ଓକିଲାତି ଭାବେ ଜୀବିକା ନିର୍ବାହ କରିବାକୁ ମଧୁବାବୁ ବିହାର- ଓଡ଼ିଶା ଗଭର୍ଣ୍ଣର ସାର୍ ଏଚ. ହୁଇଲରଙ୍କୁ ପତ୍ର ଦେଲେ। କିନ୍ତୁ ଗଭର୍ଣ୍ଣର ଏ ପ୍ରସ୍ତାବ ଗ୍ରହଣ କଲେ ନାହିଁ। ଫଳରେ ଇସ୍ତଫା ଦେଲେ। ସେ ସମୟରେ ଭାରତରେ କୌଣସି ମନ୍ତ୍ରୀ ଯେ ଏକଥା ଚିନ୍ତା କରିପାରି ନ ଥିବେ, ଏଥିରେ ସନ୍ଦେହ ନାହିଁ। ମଧୁବାବୁ ମନ୍ତ୍ରୀପଦରୁ ଇସ୍ତଫା ଦେବା ପରେ ଗଭର୍ଣ୍ଣର ତାଙ୍କ ଘରକୁ ନିମନ୍ତ୍ରଣ କରିଥିଲେ। ମଧୁବାବୁ ଭାରତୀୟ ପୋଷାକ ପିନ୍ଧିଯିବାକୁ ଚାହିଁଲେ। କିନ୍ତୁ ଗଭର୍ଣ୍ଣର ତାହାକୁ ଅନୁମତି ଦେଲେ ନାହିଁ। ମଧୁସୁଦନ ଲେଖିଲେ, “ଗୋଲାପର ଚାରିପାଖର ଘାସ ଗୋଲାପର ରଙ୍ଗ କିମ୍ବା ସୁବାସ ଗ୍ରହଣ କରେ ନାହିଁ। ତେଣୁ ବଡ଼ ଲୋକଙ୍କ ସଂସ୍ପର୍ଶରେ ଆସି ବଡ଼ ହେବା ପାଇଁ ମୁଁ କେବେ ଚେଷ୍ଟା କରିନାହିଁ।”

ମଧୁବାବୁ ଓଡ଼ିଶା ଆର୍ଟ ଓୟାରସ ବା ଉତ୍କଳ ସୂକ୍ଷ୍ମକଳାର ଏକ କାରଖାନା ଖୋଲିଥିଲେ। ସେ ମଧ ଉତ୍କଳ ଟ୍ୟାନେରୀ ନାମରେ ଏକ ଚମଡ଼ା ଶିଳ୍ପ କାରଖାନା ଖୋଲିଥିଲେ। ଦ୍ରବ୍ୟର ଗୁଣାତ୍ମକମାନ ଉପରେ ଗୁରୁତ୍ୱ ଦେଉଥିଲେ। ତାଙ୍କ ଉଦ୍ୟମ ଯୋଗୁଁ ଭାରତରେ ପ୍ରଥମ କରି ମହିଳାମାନେ ଆଇନ ବ୍ୟବସାୟ କରିବାର ଅଧିକାର ପାଇଲେ। ଓଡ଼ିଶା ଜାତିର ପୁନରୁଦ୍ଧାର ପାଇଁ ତାଙ୍କର ପ୍ରାଣ କାନ୍ଦୁଥିଲା। ସେ ଓଡ଼ିଶାବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି-“ଏହି ସ୍ଥାନରେ ବଡ଼ଦେଉଳକୁ ଚାହିଁ ଓ ଜାତିର ପୁନରୁଦ୍ଧାର କର-ଏହା ଆମ୍ଭମାନଙ୍କର ବୀଜମନ୍ତ୍ର ହେବା ଆବଶ୍ୟକ।” ମଧୁବାବୁ ଗୋପବନ୍ଧୁ ଦାସଙ୍କୁ ନିଜର ଉତ୍ତରାଧିକାରୀଭାବେ ମନୋନୀତ କରିଥିଲେ। ମାତ୍ର ମଧୁସୁଦନଙ୍କ ମୃତ୍ୟୁ ପୂର୍ବରୁ ଗୋପବନ୍ଧୁଙ୍କର ତିରୋଧାନ ହୋଇଥିଲା। ସେ ତେଣୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଉପରେ ଏ ଦାୟିତ୍ୱ ଦେବାପାଇଁ ସ୍ଥିର କରିଥିଲେ। ପଣ୍ଡିତ ନୀଳକଣ୍ଠ ମଧ ତାଙ୍କର ଶେଷ ଦର୍ଶନ ପାଇଁ କଟକ ଆସି ତାଙ୍କ ପାଖରେ ପହଞ୍ଚିଲେ। ଓଡ଼ିଶାବାସୀଙ୍କୁ ତାଙ୍କର କିଛି କହିବାର ଅଛି କି ବୋଲି ପଣ୍ଡିତ ନୀଳକଣ୍ଠ ପଚାରନ୍ତେ, ମଧୁବାବୁ ଉତ୍ତର ଦେଲେ- “ଓଡ଼ିଶାବାସୀ ତାଙ୍କର ଅନ୍ତର ନିର୍ମଳ ରଖିଥିବେ”। ସେ ପୁଣି କହିଥିଲେ- “ମୁଁ ତ ଯାଉଛି ମନେରଖିଥିବ ଜଣେ ଓଡ଼ିଆ ଥିଲା।” ତାହା ଥିଲା ତାଙ୍କର ଶେଷ କଥା। ୮୫ ବର୍ଷ ବୟସରେ ୧୯୩୪ ମସିହା ଫେବୃଆରୀ ମାସ ୩ ତାରିଖ ରାତି ୧ ଘଣ୍ଟା ୧୫ ମିନିଟ୍ ସମୟରେ ସେ ଶେଷନିଃଶ୍ୱାସ ତ୍ୟାଗ କଲେ। କଟକରୁ ପ୍ରକାଶିତ ଦୈନିକ 'ସମାଜ'ରେ ପୁରା ପୃଷ୍ଠାରେ ପରଦିନ ବାହାରିଲା-“ଓଡ଼ିଶାର ମୁକୁଟବିହୀନ ସମ୍ରାଟ ଆଉ ନାହାନ୍ତି।” ପ୍ରଖ୍ୟାତ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ସେଥିପାଇଁ କହିଛନ୍ତି-“ଜୀବନରେ ଯେପରି ମରଣରେ ମଧ୍ୟ ସେହିପରି। ମଧୁସୂଦନ ଯଥାର୍ଥରେ ଥିଲେ ଏକ ସମ୍ରାଟ”। ମଧୁବାବୁଙ୍କୁ ବାରମ୍ବାର ମନେପକାଇଲେ ବି ତାହା କମ୍ ହେବ। ପାଠ୍ୟପୁସ୍ତକମାନଙ୍କରେ ପ୍ରତ୍ୟେକ ଶ୍ରେଣୀ ପାଇଁ ତାଙ୍କ ସମ୍ବନ୍ଧୀୟ ଲେଖା ସ୍ଥାନ ପାଇବା ଆବଶ୍ୟକ। ତାଙ୍କର ଉକ୍ତି-“*ଜାତି ଇତିହାସ ଜାତିର ନିର୍ଝର, ତହୁଁ ବହେ ସଦା ଜାତି ପ୍ରାଣଧାର, ସେ ଧାରାରୁ ନୀର ପିଉଛି ଯେ ନର, ନିଶ୍ଚୟ ହେବ ସେ ଜାତି କର୍ମବୀର*”, ଏହା ସଦା ସର୍ବଦା ଓଡ଼ିଆଙ୍କ ହୃଦୟରେ ଗୁଂଜରିତ ହେଉ।

**ସତ୍ୟବାଦୀ ବଳିଆରସିଂହ**, ସଭାପତି, ଓଡ଼ିଆ ଭାଷା ସୁରକ୍ଷା ସମ୍ମିଳନୀ, ବକ୍ସି ଜଗବଂଧୁ ନଗର, ଖୋର୍ଦ୍ଧା, ଶୂନ୍ୟଭାଷ: ୯୨୩୭୦୮୯୫୦୯

# କେନ୍ଦୁଝର ଜିଲ୍ଲାରେ କରୋନା ସଂକ୍ରମଣ ବଢୁଛି, ପ୍ରଶାସନ ଦୃଢ ପଦକ୍ଷେପ ନେବାକୁ ଦାବୀ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲାରେ କରୋନା ସଂକ୍ରମଣ ଏବେ ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଛି। କେନ୍ଦୁଝର ସହରାଂଚଳ ଏବେ ସଙ୍କଟଜନକ ପରିସ୍ଥିତିରେ ପହଂଚିଥିବାବେଳେ ଜନସାଧାରଣ ନିଜେ ଅଧିକରୁ ଅଧିକ ସଚେତନ ହେବା ଆବଶ୍ୟକ ହୋଇପଡିଛି। ଚିହ୍ନଟ ୧୬୬ ଜଣଙ୍କୁ ମିଶାଇ ଜିଲ୍ଲାର ମୋଟ୍ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୦୪୩ ରେ ପହଂଚି ଥିବାବେଳେ ସେଥିମଧ୍ୟରୁ ୮୩୫୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ସାରିଲେଣି। ଗତ ବୁଧବାର ଅପରାହ୍ନ ପର୍ଯ୍ୟନ୍ତ ଜିଲ୍ଲାର ଆକ୍ଟିଭ କେଶ ସଂଖ୍ୟା ୬୮୬ ଥିବା ଜଣାପଡିଛି। ଚିହ୍ନଟ ହୋଇଥିବା ୧୬୬ଜଣଙ୍କ ମଧ୍ୟରୁ କେନ୍ଦୁଝର ସହରରୁ ୬୪ଜଣ ଚିହ୍ନଟ ହେବା ଚିନ୍ତାର ବିଷୟ ହୋଇଛି। କେନ୍ଦୁଝର ରାଙ୍କିଠାରେ କୋଭିଡ ହସ୍‌ପିଟାଲ କାର୍ଯ୍ୟକ୍ଷମ ହେଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଷ୍ଠା କରାଯାଇଥିବା ୧୦୦ ବେଡ ବିଶିଷ୍ଟ ଏହି ହସ୍‌ପିଟାଲରେ ୨୪ଟି ଆଇସିୟୁ, ୧୨ଟି ଭେଣ୍ଟିଲେଟର, ଅକ୍ସିଜେନ ଭଳି ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହୋଇଛି। ତେବେ ଏହି ହସ୍‌ପିଟାଲ ବିଳମ୍ବରେ ଖୋଲାଯିବା ନେଇ ବିରୋଧିଦଳମାନେ ପ୍ରଶ୍ନ ଉଠାଇଛନ୍ତି। ୭ଦିନ ପୂର୍ବରୁ ଖୋଲା ଯାଇଥିଲେ ଉଚିତ ଚିକିତ୍ସା ନପାଇ ମୃତ୍ୟୁବରଣ କରିଥିବା ତଥା ଚିକିତ୍ସା ପାଇଁ କଟକ, ଭୁବନେଶ୍ୱର ଚାଲି ଯାଇଥିବା ରୋଗୀମାନେ ଉପକୃତ ହୋଇପାରିଥାନ୍ତେ ବୋଲି ବିରୋଧିଦଳ ମୁଖ୍ୟ ସଚେତକ ମୋହନଚରଣ ମାଝୀ ଅଭିଯୋଗ କହିଛନ୍ତି। ପ୍ରକାଶ ଯେ, ଗତବର୍ଷ ତୁଳନାରେ ଚଳିତବର୍ଷ କରୋନା ସଂକ୍ରମଣ ବହୁଗୁଣା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଏହାକୁ ନେଇ ଜିଲ୍ଲାବାସୀ ଭୟଭୀତ ହୋଇ ପଡିଛନ୍ତି। ବିଶେଷ କରି ଚିକିତ୍ସା ସୁବିଧା ନଥିବାରୁ ବହୁ ରୋଗୀଙ୍କୁ ଅନିଶ୍ଚିତତା ମଧ୍ୟରେ ଘରେ ରହି ଚିକିତ୍ସିତ ହେବାକୁ ପଡିଥିଲା। ଯେଉଁମାନଙ୍କ ପାଖରେ ଅର୍ଥ ଅଛି ସେମାନେ କଟକ, ଭୁବନେଶ୍ୱର ଯାଇ ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ କରୋନା ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଏହାଉପରେ ରୋକ ଲଗାଇବା ପାଇଁ ଅନ୍ୟୂନ ୭ ଦିନ ସଟ୍‌ଡାଉନ କରିବାକୁ ଶ୍ରୀ ମାଝୀ ଦାବୀ କରିଛନ୍ତି। ଏହାଦ୍ୱାରା କରୋନା ଚେନକୁ ଭାଙ୍ଗି ହେବ ବୋଲି ମତପ୍ରକାଶ ପାଇଛି। ଅବ୍ୟାବଧି ସଂକ୍ରମଣ ଦୃତ ବୃଦ୍ଧି ପାଇବାରେ ଲାଗିଥିଲେ ହେଁ ସମସ୍ତ କୋଭିଡ କେୟାର ସେଣ୍ଟର, ପଞ୍ଚାୟତ ସ୍ତରରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ଅଦ୍ୟାବଧି ଖୋଲିପାରିନାହିଁ। ସେହିଭଳି ଯେଉଁଭଳି ଭାବରେ ରୋଗୀ ଗୁରୁତର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି, ସେହି ପରିସ୍ଥିତିରେ ମାତ୍ର ୧୦୦ ବେଡ ବିଶିଷ୍ଟ ମେଡିକାଲ କିପରି ଆବଶ୍ୟକତା ପୂରଣ କରିପାରିବ ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହାଛଡା ସ୍ୱାବ ପରୀକ୍ଷା କମ ସଂଖ୍ୟାରେ କରାଯାଉଥିବାରୁ ରୋଗୀ ଚିହ୍ନଟ ବିଳମ୍ବ ହେଉଛି। ସେହିପରି ସ୍ୱାବ ପରୀକ୍ଷା ପାଇଁ କଟକ ଯାଉଥିବା ସ୍ୱାବ ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବାରୁ ବହୁ ରୋଗୀଙ୍କ ବିଳମ୍ବରେ ଚିକିତ୍ସା ହେଉଥିବାରୁ ସେମାନେ ଗୁରୁତର ହୋଇପଡୁଛନ୍ତି। ଗତ ୨୦ ତାରିଖ ଦିନ କେନ୍ଦୁଝର ବଡହଳର ପ୍ରବୀଣ ତ୍ରିପାଠୀ ନାମକ ଜଣେ ୪୦ ବର୍ଷ ଯୁବକର କରୋନାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। କରୋନାରେ ଆକ୍ରାନ୍ତ ହୋଇ ବହୁ ରୋଗୀଙ୍କ ମୃତ୍ୟୁ ହେଉଥିଲେ ହେଁ ମୃତ୍ୟୁର କାରଣ ଅଲଗା ଦର୍ଶାଇ ପ୍ରଶାସନ ପକ୍ଷରୁ ମାତ୍ର ତିନିଜଣ ଦର୍ଶାଇବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

# ଗରାପୁର ହନୁମାନଜୀଉ ମନ୍ଦିରରେ ଶ୍ରୀରାମ ନବମୀ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମପଞ୍ଚାୟତର ଗରାପୁରସ୍ଥିତ ଶ୍ରୀ ଶ୍ରୀ ହନୁମାନଜୀଉ ମନ୍ଦିର ଆଶ୍ରମ ପରିସରରେ ଶ୍ରୀରାମ ନବମୀ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଓ ଶ୍ରୀରାମ ସ୍ମରଣେ ସ୍ମରଣିକା ଉନ୍ମୋଚନ ଉତ୍ସବ କୋଭିଡ ନିୟମ ଅନୁପାଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ମାନବୀୟ ଲୀଳା ଓ ବିଂଶ ଶତାବ୍ଦିର ମହାନ ସନ୍ଥ ସଦଗୁରୁ ବାବା ବୈକୁଣ୍ଠନାଥଙ୍କ ଜୀବନାଦର୍ଶ ଉପରେ ପ୍ରକାଶିତ ସ୍ମରଣିକା “ଶ୍ରୀରାମ ସ୍ମରଣେ” ଉପସ୍ଥିତ ସାଧୁସନ୍ଥ, ଅତିଥି ଓ ଆଶ୍ରିତ ଭକ୍ତମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ମନ୍ଦିର ପରିଚାଳନା ସମିତିର ସଭାପତି ବାବାଜୀ ଚେତନାନନ୍ଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବ୍ଲକ ଅଧକ୍ଷ ଶିବ ପ୍ରସାଦ ଭଳ, ଉପାଧକ୍ଷ ସ୍ନେହଲତା ପ୍ରଧାନ, କପାଳେଶ୍ୱର ପଞ୍ଚାୟତର ସରପଞ୍ଚ ଗାୟତ୍ରୀ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିବା ବେଳେ ଆଶ୍ରମର ସହପରିଚାଳକ ଶ୍ରଦ୍ଧାନନ୍ଦ ଦାସ, ବାବାଜୀ ସତ୍ୟାନନ୍ଦ ଦାସ ପ୍ରମୁଖ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ବାଣୀ ଓ ବାବା ବୈକୁଣ୍ଠନାଥଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ନଳିନୀକାନ୍ତ ମହାନ୍ତି, ସେବକ ପୁରସ୍ତମ ଗେରୁ, ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ସହସମ୍ପାଦକ କେଶବ ସେଠୀ, ସମ୍ପାଦନା ମଣ୍ଡଳୀ ସଦସ୍ୟ ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର କୁମାର ମହାନ୍ତି, ଆବାହକ ଓ ଉପଦେଷ୍ଟା ଦେବାଶିଷ ଜଗତି, ପତ୍ରିକା ସମ୍ପାଦକ ଅରକ୍ଷିତ ରାଉତ, ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, ଅଜୟ କୁମାର ପାତ୍ର, ନୃସିଂହ ଚରଣ ଆଚାର୍ଯ୍ୟ, କୋଷାଧକ୍ଷ ମଧୁସୁଦନ ସାହୁ, ରମାକାନ୍ତ ବିହାରୀ, ଦିଲ୍ଲିପ କୁମାର ସାହୁ, ଅକ୍ଷୟ କୁମାର ଦାସ, ରାଜକିଶୋର ବିଶ୍ୱାଳ, ସୁରେଶ ଚନ୍ଦ୍ର ରାଉତ, ବଳରାମ ନାୟକ, ଗୋବିନ୍ଦ ଚନ୍ଦ୍ର ନାଥ, ସୀତାନାଥ ମିଶ୍ର, ସରୋଜକାନ୍ତ ସାହୁ, ପ୍ରମୋଦ କୁମାର ପ୍ରଧାନ, ଧରଣୀଧର ଦାସ, ପରମାନନ୍ଦ ସାହୁ, ଗୋପିନାଥ ସାହୁ, ରଜତ କୁମାର ସାହୁ, ଗୋପିନାଥ ସାହୁ, କରୁଣାକର ସାହୁ, ଜଗନ୍ନାଥ ବେହେରା, ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ଡ଼ଃ.ସୁବାଷ ଚନ୍ଦ୍ର ମହାପାତ୍ର, ଗଣେଶ୍ୱର ସାହୁ, ପ୍ରଦୀପ କୁମାର ଦାଶ,ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ଶ୍ରଦ୍ଧାଳୁ ଓ ଭକ୍ତମାନେ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ଭଜନକୀର୍ତ୍ତନ କରିଥିଲେ। ଗତ ୧୩ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଜିର ଉଦଯାପନି ଦିବସ ପ୍ରାତଃରୁ ଶଙ୍ଖଧ୍ୱନି ସହ ସମୁହ ପ୍ରାର୍ଥନା, ମଙ୍ଗଳ ଆରତୀ, ଶ୍ରୀ ଶ୍ରୀ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ସୁସଜ୍ଜିତ ଶ୍ରୀବିଗ୍ରହ ସହ ନଗର କୀର୍ତ୍ତନ, ଶ୍ରୀରାମ ଚରିତ ମାନସ ପାରାୟଣ ଓ ହୋମଯଜ୍ଞ ଏବଂ ସନ୍ଧ୍ୟାରେ ଶ୍ରୀରାମ କଥା ପ୍ରବଚନ ଓ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।

# ବିଶ୍ୱ ଧରିତ୍ରୀ ଦିବସ: ତତଲା ତାୱାରେ ପୃଥିବୀ




ଭୁବନେଶ୍ୱର (ପିଏନ୍): ଧରିତ୍ରୀ ମା'କୁ ସମ୍ମାନ ଓ ସୁରକ୍ଷା ଦେବା ପାଇଁ ପ୍ରତିବର୍ଷ ଏପ୍ରିଲ ୨୨ ତାରିଖରେ 'ବିଶ୍ୱ ଧରିତ୍ରୀ ଦିବସ' ପାଳିତ ହୋଇଥାଏ। ସଙ୍କଟମୁହାଁ ଗତି କରୁଥିବା ପୃଥିବୀର ସୁରକ୍ଷା ଲାଗି ସମଗ୍ର ବିଶ୍ୱ ଏହି ଦିବସଟିକୁ ପାଳନ କରିଥା'ନ୍ତି। ଏହି ପରିପ୍ରେକ୍ଷୀରେ ସ୍ମାର୍ଟନଗରୀ ଭୁବନେଶ୍ୱରର ପୋଖରୀପୁଟରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ସମଗ୍ର ବିଶ୍ୱକୁ ଏକ ବଳିଷ୍ଠ ବାର୍ତ୍ତା ଦେବା ସହ ଜନସଚେତନତା ସୃଷ୍ଟି ପାଇଁ ପ୍ରୟାସ କରିଛନ୍ତି। ରଙ୍ଗ, ବେରଙ୍ଗ ମୁରୁଜକୁ ବ୍ୟବହାର କରି ତିଆରିଛନ୍ତି ଏକ ତତଲା ତାୱା ଓ ପୃଥିବୀ। ଏଥିରେ ଦର୍ଶାଇଛନ୍ତି ସମ୍ପ୍ରତି ତତଲା ତାୱାରେ ଭାଜି ହେଉଛି ପୃଥିବୀ। ଯାହା ବର୍ତ୍ତମାନ ପୃଥିବୀର ଅବସ୍ଥା ସମ୍ପର୍କରେ ପ୍ରମାଣିତ କରୁଛି। ଧୀରେ ଧୀରେ ପୃଥିବୀ ଗ୍ଲୋବାଲ ୱାର୍ମିଂରୁ ଗ୍ଲୋବାଲ ବର୍ଣ୍ଣିଂ ଆଡ଼କୁ ମୁହାଁଉଛି। ଯାହା ଜୀବଜଗତ ପାଇଁ ଏକ ଭୟାନକ ବିପତ୍ତି। ଯେପରି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ଅହେତୁକ ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ, ମଣିଷର ଅମାନୁଷିକ କାର୍ଯ୍ୟକଳାପ, ଦ୍ରୁତ ଜନସଂଖ୍ୟା ବୃଦ୍ଧି, ସହରୀକରଣ, ବଡ଼ ବଡ଼ ଗଛ କାଟି ରାସ୍ତା ପ୍ରଶସ୍ତିକରଣ, ଜଙ୍ଗଲ ସଫା କରି ଖଣିଖାଦାନ ଖୋଳିବା, ଜଳାଶୟକୁ ପୋତି ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ ତିଆରି କରିବା ଇତ୍ୟାଦି କାର୍ଯ୍ୟ ପରିବେଶ ପାଇଁ ସଙ୍କଟ ସାଜିଛି। ଯଦ୍ଦ୍ୱାରା ଜୀବଜଗତ ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ। ଛଅ ଋତୁ ଆଜି ସାତ ସପନ। ଶ୍ରାବଣରେ ବୈଶାଖୀର ତାତି। ଆଜି ତିତିଲି, କାଲି ଫନି, ହୁଡ୍‌ହୁଡ୍, ଫାଇଲିନ୍ ପରି ସାମୁଦ୍ରିକ ଝଡ଼କୁ ସାମ୍ନା କରିବାକୁ ପଡୁଛି। ଏତଦ୍ ସହ ବାୟୁମଣ୍ଡଳରେ ଗ୍ରୀନ୍‌ହାଉସ ଗ୍ୟାସ୍ ବଢିବା ଫଳରେ ଭୂପୃଷ୍ଠ, ବାୟୁମଣ୍ଡଳ, ସାଗର, ମହାସାଗର ସବୁ ତାତିଗଲାଣି। କହିବାକୁ ଗଲେ ମେରୁ, ତରୁ, ମରୁ ସବୁ ତାତିଗଲାଣି। ପ୍ରତି ମୁହୂର୍ତ୍ତରେ ବାଜୁଛି ପ୍ରକୃତିର ସତର୍କ ଘଣ୍ଟି। ଜଳବାୟୁର ଜ୍ୱାଳାରୁ ମୁକ୍ତି ପାଇଁ ସାରା ବିଶ୍ୱ ଚିନ୍ତିତ। ଶ୍ରୀ ସାହୁ ଏହି ମର୍ମରେ କହିଛନ୍ତି ଧୀରେଧୀରେ ଉତ୍ତପ୍ତ ପରିବେଶ ଯୋଗୁଁ ଏବେଠୁ ଆମେ ତ୍ରାହି ତ୍ରାହି ଡାକିଲେଣି। ଆଗକୁ ପୁଣି ଅଛି। ବେଳ ଥାଉ ଥାଉ ଯଦି ବନ୍ଧ ନ ବାନ୍ଧିବା, ତେବେ ସର୍ବନାଶୀ କରାଳ ଗ୍ରାସରେ ଆମେ ବିଲୀନ ହେବା ସୁନିଶ୍ଚିତ। ପରିବେଶର ସୁରକ୍ଷା ଦିଗରେ ପ୍ରତିସ୍ତରରେ ପ୍ରତିଟି ମଣିଷ ସଚେତନ ହୋଇ ଧରିତ୍ରୀ ମା'ର ସୁରକ୍ଷା ପାଇଁ ଉଦ୍ୟମ ଓ ପ୍ରୟାସ ଜାରି ରଖିବା ନିତାନ୍ତ ଜରୁରୀ ବୋଲି ସୁଶାନ୍ତ ଆଶାପ୍ରକଟ କରିଛନ୍ତି।

# ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ ପାଳିତ



ଯାଜପୁର (ପିଏନ୍)-ଯାଜପୁର ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟାଳୟଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ନଗର କଂଗ୍ରେସ କମିଟିର ସଭାପତି ନାରାୟଣ ସାମନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣପୂର୍ବକ ଧୂପ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା। ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଓଡ଼ିଶାର ବିକାଶ କ୍ଷେତ୍ରରେ ଅବଦାନ ଓ ରାଜନୈତିକ ବିଚକ୍ଷଣତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଶ୍ରାଦ୍ଧୋତ୍ସବରେ ପୂର୍ବତନ ପୌରାଧକ୍ଷ ରାଜୀବ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା କଂଗ୍ରେସ ଦଳିତ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା, ଯାଜପୁର ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସ, ଦଶରଥପୁର ବ୍ଲକ୍ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କର, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସଂଗ୍ରାମ ସାହାଣୀ, ପୂର୍ବତନ ଜୋନ୍ ସଭାପତି ମାନସରଞ୍ଜନ ପଣ୍ଡା, ଆଇନ ସେଲ୍ ସଭାପତି ନିତାଇ ଚାନ୍ଦ ମହାନ୍ତି, ଅଧିକାରୀ ନବକିଶୋର ଦାସ, ବିଦ୍ୟାଧର ଜେନା, ଗୋବିନ୍ଦଚନ୍ଦ୍ର ସାହୁ, ରଘୁନାଥ ସାହୁ ଓ ବିଜୟ ମହାପାତ୍ର ପ୍ରମୁଖ ସ୍ୱର୍ଗତଃ ପଟ୍ଟନାୟକଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ଶେଷରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷିକେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ନିଆରା ଢଙ୍ଗରେ ନିଜର ଜନ୍ମଦିନ ପାଳନ କଲେ ରାଜ୍ୟ ବିଜେଡି ଉପସଭାପତି ରାଜା ଚକ୍ର



କେନ୍ଦୁଝର (ପିଏନ୍): ରାଜ୍ୟ ବିଜେଡି ଦଳର ଉପସଭାପତି ସୌମ୍ୟ ଶଙ୍କର ଚକ୍ର (ରାଜା ଚକ୍ର) ନିଜ ଜନ୍ମଦିନ କେନ୍ଦୁଝରସ୍ଥିତ ଗୋବିନ୍ଦପୁର ଠାରେ ଥିବା ଆଦୃତ ଅନାଥାଶ୍ରମର ଛୋଟ ଛୋଟ ପିଲାଙ୍କ ସହ ପାଳନ କରିଛନ୍ତି। କରୋନା କଟକଣା ହେତୁ ପିଲାଙ୍କ ପାଠପଢାରେ ଅବହେଳାକୁ ଉପଲବ୍ଧି କରି ପିଲାମାନଙ୍କୁ ପୁସ୍ତକ ଓ ପାଠ୍ୟ ଉପକରଣ ପ୍ରଦାନ କରି ଆଶ୍ରମରେ ରହି ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ସେହିପରି କେନ୍ଦୁଝର ବସ୍‌ଷ୍ଟାଣ୍ଡ ପାଖ ବସ୍ତିର ମହିଳାମାନଙ୍କୁ ଶାଢୀ ପ୍ରଦାନ କରିବା ସହ ବଢୁଥିବା କରୋନା ସଂକ୍ରମଣକୁ ଲକ୍ଷ୍ୟ କରି ସ୍ୱୟଂସେବକ ଗୋଷ୍ଠୀର ମହିଳାମାନଙ୍କୁ ଘରୋଇ ଉପକରଣ ନିର୍ମାଣ ତଥା ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେବାକୁ ଶ୍ରୀ ଚକ୍ର କହିଥିଲେ। ଏହି ନିରାଡମ୍ବର ଜନ୍ମଦିନ ପାଳନକୁ ସ୍ଥାନୀୟ ଅଂଚଳର ଜନସାଧାରଣ ପ୍ରଶଂସା କରିଛନ୍ତି।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଜୁନ୍ ୦୯

# ଆସନ୍ତୁ ଗଛ ଲଗାଇବା

ପରିବେଶ ସୁରକ୍ଷା ସମସ୍ତଙ୍କର ଧେୟ ହେଉ । ପରିବେଶ ଧ୍ୱଂସ, ଜଳବାୟୁ ପରିବର୍ତନ, ବିଶ୍ୱ ତାପମାତ୍ରା ବୃଦ୍ଧି ଏବେ ପୃଥବୀ ପୃଷ୍ଠରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ମୁଖ୍ୟ କାରଣ ହୋଇଛି। ପରିଣତି ସ୍ୱରୂପ ଅନାବୃଷ୍ଟି, ଅତିବୃଷ୍ଟି, ଅଂଶୁଘାତ, ଅସହ୍ୟ ରୌଦ୍ରତାପ ବୃଦ୍ଧି, ମରୁଡି, ସାମୁଦ୍ରିକ ବାତ୍ୟା ଏବଂ ଜଳପ୍ରଳୟ ପରି ବନ୍ୟାର ତାଣ୍ଡବ ପୃଥିବୀର କୌଣସି ବା କୌଣସି କୋଣରେ ପ୍ରତିବର୍ଷ ହେଉଛି। ହଜାର ହଜାର ଲୋକ ଅକାଳରେ ପ୍ରାଣ ହରାଉଛନ୍ତି। ନିକଟରେ ଆମ ଦେଶରେ ମାତ୍ର ସପ୍ତାହକ ବ୍ୟବଧାନରେ ଦୁଇଟି ସାମୁଦ୍ରିକ ବାତ୍ୟା, କେରଳରେ ଦୁଇବର୍ଷ ତଳେ ଜଳପ୍ରଳୟ, ଉତରାଖଣ୍ଡରେ ବରଫ ବିସ୍ଫୋରଣରେ ବନ୍ୟାର ତାଣ୍ଡବ ଏବଂ ୨୦୧୫ ଭୂସ୍ଖଳନ ଏହାର ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରେ। ଆମ ରାଜ୍ୟ ଖରାଦିନ ଅର୍ଥାତ ମେ' ମାସରେ ଗତ ୩ବର୍ଷରେ ତିନୋଟି ସାମାଦ୍ରିକ ବାତ୍ୟାର ସମ୍ମୁଖୀନ ହୋଇଛି। ଅବଶ୍ୟ ଖରାଦିନ ସାମୁଦ୍ରିକ ବାତ୍ୟା ଆମ ରାଜ୍ୟ ପାଇଁ ନୂଆ ନୁହେଁ। ମାତ୍ର ଏବେ କ୍ରମାଗତ ୩ବର୍ଷ ଧରି ଯେଉଁଭଳି ସାମୁଦ୍ରିକ ବାତ୍ୟା ଧ୍ୱଂସର ତାଣ୍ଡବ ଲୀଳା ସୃଷ୍ଟି କରୁଛି ପ୍ରକୃତିର ବିଡମ୍ବନା ବ୍ୟତୀତ ଅନ୍ୟ କିଛି ନୁହେଁ। କେବଳ ଏତିକି ନୁହେଁ, ଅତିବୃଷ୍ଟି, ଅନାବୃଷ୍ଟି, ଅସହ୍ୟ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଏବେ ନିୟମିତ ଋତୁଚକ୍ରରେ ପରିଣତି ହୋଇଛି ବୋଲି କୁହାଯାଇପାରେ। ଆସନ୍ତା ୧୦ ତାରିଖ ବେଳକୁ ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ରାଜ୍ୟରେ ମୌସୁମୀ ପ୍ରବେଶ ସମୟରେ ବର୍ଷାର ତାଣ୍ଡବ ସୃଷ୍ଟି କରିବ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ବଙ୍ଗୋପାସାଗରରରେ ସୃଷ୍ଟି ହେଉଥିବା ଲଘୁଚାପ ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ କୁହାଯାଉଛି। ଏହା ଯଦି ସତ ହୁଏ, ତେବେ ପ୍ରକୃତିର କୋପ ବ୍ୟତୀତ ଅନ୍ୟକିଛି ନୁହେଁ। ବିଶ୍ୱ ତାପମାତ୍ରା ବୃଦ୍ଧି, ସମୁଦ୍ରର ତାପମାତ୍ରା ବୃଦ୍ଧି ଏଭଳି ପ୍ରାକୃତିକ ବିଡମ୍ବନାର ମୁଖ୍ୟ କାରଣ। ସମୁଦ୍ରର ଉତାପ ବୃଦ୍ଧି ଯୋଗୁଁ ଅଦିନିଆ ସାମୁଦ୍ରିକ ଝଡବାତ୍ୟା, ଖରାଦିନେ ଅତିକମରେ ଗ୍ରୀଷ୍ମ ପ୍ରବାହ, ବର୍ଷା ଦିନେ ପ୍ରବଳ ବର୍ଷା, ବର୍ଷା ଋତୁର ଅବଧି ବୃଦ୍ଧି, ପରିଣତ ହୋଇଥିବା ମନେହୁଏ। ଆହୁରି ମଧ ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲୁଏମଓ) ଯେଉଁ ଚେତାବନୀ ଦେଇଛି, ତାହା ଅତ୍ୟନ୍ତ ଉଦବେଗଜନକ। ଡବ୍ଲୁଏମଓର ମହାସଚିବ ପିଟେରୀ ଟାଲାସ କହିଛନ୍ତି ଯେ, ବିଶ୍ୱ ତାପମାତ୍ରା ବୃଦ୍ଧି କାରଣରୁ ୨୦୨୧ ମସିହାରୁ ୨୦୨୫ ମସିହାରେ ମଧ କୌଣସି ଗୋଟିଏ ବର୍ଷ ସର୍ବାଧିକ ଉତପ୍ତ ହେବ। ଏହି ବର୍ଷଟିରେ ୧.୫ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବାର ତଥ୍ୟ ୪୦ ପ୍ରତିଶତ ସତ୍ୟ ବୋଲି ଦର୍ଶାଇଛନ୍ତି। ୨୦୧୬ ମସିହାର ଅସହ୍ୟ ଗରମ ରେକର୍ଡକୁ ମଧ ଏହା ଟପିଯାଇପାରେ। ଏହାର ପ୍ରଭାବରେ ଅତ୍ୟଧିକ ଲୁ ' ପ୍ରବାହ ସହ ପ୍ରବଳ ବର୍ଷା, ବରଫ ତରଳିବା ବା ବରଫ ଖଣ୍ଡରେ ବିସ୍ଫୋରଣ ଘଟି ସମୁଦ୍ରର ଜଳପତନ ବୃଦ୍ଧି ପାଇବା ସହ ଉତ୍କଳ ଜଳାଭାବ ପରି ପରିସ୍ଥିତି ସୃଷ୍ଟି ହୋଇପାରେ। ଏଭଳି ସାମ୍ଭାବ୍ୟ ସ୍ଥିତିର ମୁକାବିଲା ପାଇଁ ତ୍ୱରିତ ପଦକ୍ଷେପ ନିହାତି ଜରୁରୀ ବୋଲି କହିଛନ୍ତି। ବିଶେଷ କରି ଦକ୍ଷୀଣ ଏସୀୟ ଅଂଚଳ ସର୍ବାଧିକ ଗ୍ରୀଷ୍ମପ୍ରବଣ ଅଂଚଳ ହୋଇଥିବାରୁ ଏହି ଅଂଚଳ ପ୍ରତି ବିପଦ ଅଧିକ ରହିଛି। ବିଶ୍ୱର ଏକ-ଚତୁର୍ଥାଂଶ ଲୋକ କେବଳ ଦକ୍ଷୀଣ ଏସୀୟ ଅଂଚଳରେ ରହୁଥିବାରୁ ସେମାନ୍ଙ୍କର ଅସହ୍ୟ ତଥା ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଜୀବନ-ଜୀବିକା ପ୍ରତି ବଡ ବିପର୍ଯ୍ୟାୟ ଆଣିପାରେ। ଏଥିରେ ୯୦ ପ୍ରତିଶତରୁ ଅଧିକ ଜୀବନ-ଜୀବିକା ପ୍ରଭାବିତ ହେବ। ସମ୍ଭାବନା ରହିଛି। ଏହି ରିପୋର୍ଟକୁ ଏକ ପରିସଂଖ୍ୟାନ ଭାବେ ଗ୍ରହଣ କରିବା ଅନୁଚିତ। ଏହା ବାସ୍ତବରେ ସତ୍ୟ। ଜଳବାୟୁ ଉପରେ ଏହା ବଡ ଧରଣର ପ୍ରଭାବ ପକାଇବ। ଏଥିରେ ଭାରତ ବିଶେଷ ଭାବେ ପ୍ରଭାବିତ ହେବ। କେବଳ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବ ନାହିଁ, ଜୈବିକ ମଣ୍ଡଳର ଧ୍ୱଂସର କାରଣ ହେବ ବୋଲି ଡବ୍ଲୁଏମଓ ଚେତାଇ ଦେଇଛି। ଏଭଳି ଜଳବାୟୁ ବର୍ଷାକୁ ମଧ ପ୍ରଭାବିତ କରିବ। କେବଳ ଏତିକି ନୁହେଁ ମଣିଷ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇବ, ଯାହାକି ଅର୍ଥନୀତିକୁ ମଧ ବିପର୍ଯ୍ୟାସ୍ତ କରିବ ବୋଲି ଡବ୍ଲୁଏମଓ କହିଛି। ଏଭଳି ସାମ୍ଭାବ୍ୟ ସ୍ଥିତିରୁ ମୁକୁଳିବା ପାଇଁ ପରିବେଶ ସୁରକ୍ଷା ସହ ସବୁଜ ଗୃହ ଗ୍ୟାସ ନିର୍ଗମନ ଯଥେଷ୍ଟ ହ୍ରାସ ବର୍ତମାନ ସମୟର ସବୁଠାରୁ ବଡ ଆବଶ୍ୟକତା ସେହିପରି ୨୦୧୫ ପ୍ୟାରିସ ଜଳବାୟୁ ରାଜିନାମାକୁ ବିଶ୍ୱର ସମସ୍ତ ରାଷ୍ଟ୍ର ମିଳିତ ଭାବେ କାର୍ଯ୍ୟକାରୀ କରିବା ଜରୁରୀ। ଯାହାକି ସବୁଜ ଗୃହ ଗ୍ୟାସକୁ ୨ ପ୍ରତିଶତ ହ୍ରାସ କରିବା ସହ ତାପମାତ୍ରା ବୃଦ୍ଧିକୁ ରୋକିପାରିବ। ଆସନ୍ତୁ ଗଛ ଲଗାଇ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ସଂକଳ୍ପ ନେବା। ଅନ୍ୟଥା ମହାମାରୀ କରୋନା ପରି ମାନବ ସମାଜ ଆଉ ଏକ ମଣିଷକୃତ ବିପର୍ଯ୍ୟାୟର ସମ୍ମୁଖୀନ ହେବା ଆଶଙ୍କାଙ୍କୁ ଏଡାଇ ଦିଆଯାଇନପାରେ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ମହାନ୍ ବିପ୍ଲବୀ: ବାଘା ଯତୀନ୍



ଅକ୍ଷୟ କୁମାର ରାଉତ

ପ୍ରତି ଯୁଗରେ, ପ୍ରତି ଦେଶରେ ଦେଶପ୍ରେମୀଙ୍କର ଆର୍ବିଭାବ ଘଟେ। ଭାରତବର୍ଷର ଇତିହାସକୁ ଅନୁଶୀଳନ କଲେ ଅନେକ ଦେଶଭକ୍ତଙ୍କର ନାମ ଓ କାର୍ଯ୍ୟାବଳୀ ଦେଖିବାକୁ ମିଳେ। ଯେଉଁ କେତେ ଜଣ ଦେଶପ୍ରେମୀଙ୍କର ତ୍ୟାଗ ଉଜ୍ୱଳ ଦେଶପ୍ରେମରେ ଭାରତବର୍ଷର ଇତିହାସ ଋଦ୍ଧିମନ୍ତ ହୋଇଛି ସେମାନଙ୍କ ମଧ୍ୟରୁ ବିପ୍ଳବୀ ଯତୀନ୍ଦ୍ରନାଥ ମୁଖାର୍ଜୀ ଅନ୍ୟତମ। ଯାହାର କର୍ତ୍ତବ୍ୟବୋଧର ଭାବନାରେ ଯେଉଁ ଦେଶରେ ଜନ୍ମ, ଯାହାର ଶସ୍ୟ ଜଳ ଦ୍ୱାରା ସେ ପରିପୃଷ୍ଠ ଓ ବାୟୁରେ ଜୀବିତ ସେହି ଦେଶପ୍ରତି ତାଙ୍କର ପରମ ଶ୍ରଦ୍ଧା ଭକ୍ତି ରହିବା ବିଧେୟ। ସେହି ମହାନ ଦେଶପ୍ରେମୀଙ୍କର ଜନ୍ମ ପଶ୍ଚିମ ବଙ୍ଗଳାର ନଦିଆ ଜିଲ୍ଲା କାୟାଗ୍ରାମରେ ସମ୍ଭବତଃ ୧୮୭୯ ମସିହା ଡିସେମ୍ବର ୭ ତାରିଖରେ ହୋଇଥିଲା। ତାଙ୍କ ମା'ଙ୍କ ନାଁ ଶାରଦା ଶଶୀ ଦେବୀ ଓ ପିତାଙ୍କ ନାମ ଉମେଶ ଚନ୍ଦ୍ର ମୁଖାର୍ଜୀ। ପିଲାଟି ଦିନରୁ ବାପାଙ୍କୁ ହରାଇ ମା'ଙ୍କ ଯତ୍ନରେ ସେ ବଢ଼ିଥିଲେ। ସେ ଦିନେ ଖେଳପଡିଆରୁ ଆସିବା ସମୟରେ କୁକୁରଟିକୁ ଦେଖି ଛାନିଆ ହୋଇଗଲେ। ତାଙ୍କ ପାଟି ଶୁଣି ମା କହିଲେ ତୁ ସାହସର ସହିତ ଛିଡା ହୋଇଯା ଦେଖିବୁ କୁକୁରଟି ହଟିଯିବ। ସେୟା ହେଲା କୁକୁରଟି ପଳାଇଗଲା। ମା ଯତୀନ୍‌କୁ ବୁଝାଇଦେଲେ ବିପଦ ଆସିଲେ ସାହାସର ସହିତ ତାର ମୁକାବିଲା କଲେ ବିପଦ ଟଳିଯିବ। ଦିନେ ଯତୀନ୍ ନଦୀରେ ଗାଧୋଇବା ବେଳେ ଜୁଆର ପାଣି ମାଡିଆସିଲା। ଯତୀନ୍ ନଦୀ ଭିତରେ ଏକ ବଡ ପଥର ଉପରକୁ ଉଠିଯାଇ କାନ୍ଦିବାକୁ ଲାଗିଲେ। ସାଙ୍ଗମାନେ ଯତୀନ୍‌ଙ୍କ ମା'କୁ ଡାକିଲେ। ମା କହିଲେ ମୋ ପୁଅ ଭାରି ସାହାସୀ, ସେ ନିଜେ ପହଁରି ପହଁରି କୂଳକୁ ଆସିବ। ଯତୀନ୍ ମା'ଙ୍କ କଥାରେ ପହଁରି ପହଁରି ନଦୀକୂଳକୁ ଆସିଲେ। ଦିନେ ଯତୀନ୍ ସାଙ୍ଗମାନଙ୍କ ସହିତ ବଣଭୋଜି କରିବା ପାଇଁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଗୋଟିଏ ହରିଣ ଛୁଆକୁ ସାଙ୍ଗମାନେ ଗୁଳି କରି ଧରିଆଣିଲେ। ଯତୀନ୍‌ଙ୍କର କିନ୍ତୁ ହରିଣ ଛୁଆଟି ପ୍ରତି ଦୟା ଆସିଲା। ସେ ହରିଣଟିକୁ ନମାରି ତାର ସେବା କରି ସୁସ୍ଥ କଲେ। ଦିନେ ଯତୀନ୍ ହରିଣ ଛୁଆଟିକୁ ଜଙ୍ଗଲରେ ଛାଡିଦେଲେ କିନ୍ତୁ ହରିଣଟି ଜଙ୍ଗଲକୁ ଗଲା ନାହିଁ। ସେ ଯତୀନ୍‌ଙ୍କ ପଛେ ପଛେ ତାଙ୍କ ଘରକୁ ପଳାଇଆସିଲା। ଦିନକର ଘଟଣା। ସାଙ୍ଗମାନଙ୍କ ସହିତ ଯତୀନ୍ ଜଙ୍ଗଲ ରାସ୍ତାରେ ଆସୁଥାନ୍ତି। ବାଘର ଗର୍ଜନ ଶୁଣି ସାଙ୍ଗମାନେ ଭୟରେ ଦୌଡି ପଳାଇଲେ। ବାଘଟି ଯତୀନ୍‌ଙ୍କ ଉପରକୁ ଝାମ୍ପ ମାରିଲା। ଉଭୟଙ୍କ ମଧ୍ୟରେ କିଛି ସମୟ ଲଢ଼େଇ ଚାଲିଲା। ଲଢ଼େଇରେ ବାଘଟି ମରିଗଲା। ଯତୀନ୍‌ର ସାଙ୍ଗମାନେ ଏ କଥା ଚାରିଆଡେ ପ୍ରଚାର କରିଦେଲେ। ସେହି ଦିନଠାରୁ ତାଙ୍କୁ ସମସ୍ତେ ଯତୀନ୍ ବଦଳରେ ବାଘାଯତୀନ୍ ବୋଲି କହିଲେ। ସେ ମା'ଙ୍କଠାରୁ ସାହାସିକତା ଓ ବିପଦବେଳେ ଧର୍ଯ୍ୟ ଧରିବା ଶିକ୍ଷା କରିଥିଲେ। ଇଂରେଜମାନଙ୍କର ଅତ୍ୟାଚାରରୁ ନିଜ ମାତୃଭୂମିକୁ ରକ୍ଷା କରିବାକୁ ସଦାସର୍ବଦା ଚେଷ୍ଟା କରିବୁ, ମା'ଙ୍କର ଏହି ପଦିକ କଥା ତାଙ୍କର ସବୁଦିନ ପାଇଁ ମନେଥିଲା। ରେଳଗାଡିରେ ଯାତ୍ରା ସମୟରେ ଯତୀନ୍ ସିଲିଗୁଡି ଷ୍ଟେସନରେ ଦେଖିଲେ ଚାରିଜଣ ଗୋରା ସୈନିକ ଝିଅବୋହୂମାନଙ୍କୁ ଅପମାନିତ କରୁଥାନ୍ତି। ଏହି ଘଟଣା ତାଙ୍କ ଦେହରେ ଗଲାନାହିଁ। ପାଣି ପିଇବା ପାଇଁ ଯତୀନ୍ ରେଳଗାଡିରୁ ଓହ୍ଲାଇଲା ବେଳେ ଜଣେ ସୈନିକ ତାଙ୍କୁ ଧକ୍କା ମାରିଦେଲେ। ଯତୀନ୍ ସାଙ୍ଗେ ସାଙ୍ଗେ ଚାରିଜଣ ସୈନିକଙ୍କୁ ଭଲଭାବରେ ମୁଥମାରି ତଳେ ପକାଇଦେଲେ। ସୈନିକମାନେ ଆଉ ସାହସ କଲେ ନାହିଁ ଲଢ଼ିବା ପାଇଁ ଯତୀନ୍‌ଙ୍କ ସହିତ। ଯତୀନ୍ କ୍ରିଷ୍ଣନଗର ଆଙ୍ଗୋଲ ଭରନାକୁଲାର ସ୍କୁଲରେ ପାଠପଢ଼ା ଶେଷ କରି କଲିକତା ସେଣ୍ଟ୍ରାଲ କଲେଜରେ ଫାଇନ୍ ଆର୍ଟସ୍ ପାଠ ପଢ଼ିଲେ। ତାଙ୍କର ବିଭାଘର ଇନ୍ଦୁବାଳା ବାନାର୍ଜୀଙ୍କ ସହିତ ହୋଇଥିଲା। ସେ ଚାରୋଟି ସନ୍ତାନର ଜନକ ହୋଇଥିଲେ। ଯତୀନ୍ ବଙ୍ଗଳା ସରକାରଙ୍କ ଅଧୀନରେ ଚାକିରିଟିଏ କରିଥିଲେ। ଏହି ସମୟରେ ବଙ୍ଗଳାରେ ପ୍ଲେଗ୍ ରୋଗ ଦେଖାଦେଲା। ବହୁ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ। ଲୋକଙ୍କ ସେବାରେ ଯତୀନ୍ ଲାଗିପଡିଲେ। ଏହି ସେବା ସମୟରେ ଯତୀନ୍, ଅରବିନ୍ଦ ଘୋଷ ପ୍ରଭୃତି କେତେଜଣ ଦେଶଭକ୍ତଙ୍କ ସହିତ ପରିଚିତ ହେଲେ। ସେମାନଙ୍କ ପରାମର୍ଶ ଅନୁଯାୟୀ ସେ 'ଯୁଗାନ୍ତର' ନାମରେ ଏକ କ୍ରାନ୍ତିକାରୀ ଦଳ ଗଠନ କଲେ। ଏହି ସଙ୍ଗଠନର ଲକ୍ଷ୍ୟ ହେଲା ଦେଶକୁ ସ୍ୱାଧୀନ କରିବା। ଇଂରେଜ ସରକାରଙ୍କୁ ଦେଶରୁ ତଡିବା। ଗୋରା ସରକାର ଅରବିନ୍ଦ ଘୋଷଙ୍କୁ ଗିରଫ କଲେ। ଆଲ୍ଲିପୁର କୋର୍ଟରେ ତାଙ୍କର ବିଚାର ଚାଲିଥାଏ। ଏହି ସମୟରେ ଇଂରେଜ ସରକାରଙ୍କ ଡେପୁଟି ସୁପରିଟେଣ୍ଡେଣ୍ଟ ଓ ସରକାରୀ ଓକିଲଙ୍କୁ ହତ୍ୟା କରାଗଲା। ଏହି ଦୋଷରେ ଯତୀନ୍‌ଙ୍କୁ ସରକାର ଗିରଫ କଲେ। କିଛି ଦିନପରେ ଯତୀନ୍ ଜେଲ୍‌ରୁ ମୁକ୍ତି ଲାଭକଲେ। ପ୍ରଥମ ବିଶ୍ୱ ଯୁଦ୍ଧ ଚାଲିଥାଏ। ଏହି ସମୟରେ ଯତୀନ୍ ଦେଶପ୍ରେମୀମାନଙ୍କୁ ଏକଜୁଟ କଲେ। ଚତୁରତାର ସହିତ ଯତୀନ୍ ହାଓ୍ୱଡାରେ ଥିବା ଇଂରେଜମାନଙ୍କର ଅସ୍ତ୍ରଭଣ୍ଡାରରୁ ଅସ୍ତ୍ର ଚୋରାଇ ଆଣିଲେ। ଯତୀନଙ୍କୁ ପୋଲିସ୍ ଧରିବା ପାଇଁ ଚାରିଆଡେ ଜାଲ ବିଛାଇଲା। ତେଣୁ ଯତୀନ୍ ପଞ୍ଜାବ ପଳାଇଲେ। ସେ ବର୍ମା, ସିଙ୍ଗାପୁର, ଜାଭା ଆଦି ବହୁ ସ୍ଥାନରେ ଲୋକମାନଙ୍କୁ ସ୍ୱାଧୀନତା ପାଇଁ ମତାଇଲେ। ଗୋରା ସରକାରଙ୍କ ସହିତ ଲଢ଼ିବା ପାଇଁ ଆସ୍ତ୍ରଶସ୍ତ୍ର ଆବଶ୍ୟକତା ଯୋଗୁ ସେ ଜର୍ମାନ୍ ଓ ଜାପାନ ସହିତ ସମ୍ପର୍କ ରଖିଲେ। ଜର୍ମାନରୁ ଅସ୍ତ୍ର ଆସିବା ଠିକ୍ ହେଲା। ଦେଶଭକ୍ତ ମାନଙ୍କୁ ଏକତ୍ରିତ କରି କାର୍ଯ୍ୟ କରିବା ପାଇଁ 'ହରି ଏଣ୍ଡସନ୍' ଓ ଶ୍ରମଜୀବୀ ସମବାୟ ଅନୁଷ୍ଠାନ ଏବଂ ବାଲେଶ୍ୱରରେ 'ୟୁନିଭର୍ସାଲ୍ ଏମ୍ପୋରିୟମ୍' ନାମକ ଅନୁଷ୍ଠାନ ସ୍ଥାପନ କରାଗଲା। ଜର୍ମାନରୁ ତିନୋଟି ଗୋଳାବାରୁଦ ବୋଝେଇ ଜାହାଜ ଭାରତକୁ ଆସିଲା। ମେଭ୍ରିକ୍ ଜାହାଜରୁ ଅସ୍ତ୍ରଶସ୍ତ୍ର ବାଲେଶ୍ୱର ଉପକୂଳରେ ଓହ୍ଲାଇବା ପାଇଁ ଯତୀନ୍ ଦାୟିତ୍ୱ ନେଲେ। ତାଙ୍କ ସହିତ ଯତୀନ୍ଦ୍ର ପାଲ ନରେନ୍ଦ୍ର ଦାସଗୁପ୍ତ, ମନୋରଞ୍ଜନ ସେନଗୁପ୍ତ, ଚିତ୍ତପ୍ରିୟ ରାୟ କପ୍ତିପଦା ଜଙ୍ଗଲରେ ସନ୍ନ୍ୟାସୀ ବେଶରେ ଲୁଚିକରି ରହିଥିଲେ। ଫ୍ରାନ୍ସ ସରକାର ମେଭ୍ରିକ୍ ଜାହାଜର ସନ୍ଧାନ ଇଂରେଜ ସରକାରଙ୍କୁ ଜଣାଇ ଦେବାରୁ ଯତୀନ୍‌ଙ୍କର ସମସ୍ତ ପରିଶ୍ରମ ବ୍ୟର୍ଥ ହେଲା। ମେଭ୍ରିକ୍ ଜାହାଜ ଉପରେ ଇଂରେଜମାନଙ୍କର ଚାରୋଟି ଜାହାଜ ଚଢ଼ଉ କରିଦେଲେ। ସାଙ୍ଗରେ ଆଣିଥିବା ସମସ୍ତ ଅସ୍ତ୍ରଶସ୍ତ୍ରକୁ ସେମାନେ ସମୁଦ୍ରରେ ଫୋପାଡିଦେଇ ଚାଲିଗଲେ। ଇଂରେଜ ସରକାର ଆନ୍ଦୋଳନକାରୀ ମାନଙ୍କର ଆନ୍ଦୋଳନକୁ ଦମନ କରିବାକୁ ସବୁପ୍ରକାର ପନ୍ଥା ଅବଲମ୍ବନ କରୁଥାଆନ୍ତି। ସେମାନେ ଖବର ପାଇଲେ ଯେ କିଛି ଆନ୍ଦୋଳନକାରୀ ସନ୍ନ୍ୟାସୀ ବେଶରେ କପ୍ତିପଦା ଜଙ୍ଗଲରେ ରହୁଛନ୍ତି। ସେମାନେ କାଳବିଳମ୍ବ ନକରି କପ୍ତିପଦା ଜଙ୍ଗଲକୁ ଚାରିପଟୁ ଘେରିଗଲେ। ଯତୀନ୍ ଓ ତାଙ୍କର ସାଥିମାନେ କୌଶଳରେ ଜଙ୍ଗଲରୁ ପଳାଇ ଯାଇ ରେଳଗାଡି ଯୋଗେ ଦୂରକୁ ପଳାଇଗଲେ। ବିପଦର ସୂଚନା ପାଇଁ ଯତୀନ୍ ଓ ତାଙ୍କର ସାଥିମାନେ ଚଳନ୍ତା ରେଳଗାଡିରୁ ଡେଇଁପଡିଲେ। ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ଚଷାଖଣ୍ଡ ଗାଁ ନିକଟରେ ଦୁଇଜଣ ଇଂରେଜ ଗୋଲାମ ସୁଦାମ ଗିରି ଓ ରାଜୁ ମହାନ୍ତି ଯତୀନ୍‌ଙ୍କୁ ଚିହ୍ନିପାରି ଇଂରେଜମାନଙ୍କୁ ଖବର ଦେଇଦେଲେ। କାଳ ବିଳମ୍ବ ନକରି ଇଂରେଜ ସରକାର ଚଷାଖଣ୍ଡ ଗାଁ ନିକଟ ଜଙ୍ଗଲକୁ ଘେରିଗଲେ। ଉଭୟଙ୍କ ମଧ୍ୟରେ ଚାଲିଲା ଘାମାଘୋଟ ଲଢ଼େଇ। ଯତୀନ୍ ଗୁଳିର ଜବାବ ଗୁଳିରେ ଦେଲେ। ଯତୀନ୍ ଓ ତାଙ୍କ ସାଙ୍ଗମାନଙ୍କ ଗୁଳିମାଡରେ ଇଂରେଜ ସୈନ୍ୟମାନେ ଛିନ୍‌ଛତ୍ର ହୋଇଗଲେ। ଇଂରେଜ ସୈନିକଙ୍କ ଗୁଳିରେ ଚିତ୍ତପ୍ରିୟ ଟଳିପଡିଲେ। ଯତୀନ୍ ଗୁଳିମାଡରେ ମୂର୍ଚ୍ଛା ହୋଇଗଲେ। ଇଂରେଜ ସୈନ୍ୟମାନେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନେଇଗଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଯତୀନ୍‌ଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା। ସେ ପାଣି ପାଣି ବୋଲି ଚିତ୍କାର କଲେ। ଟେଗାର୍ଟ ସାହେବ ତାଙ୍କୁ ପାଣି ଦେବାରୁ ସେ ପାଣି ଫେରାଇ ଦେଇ କହିଲେ ଟେଗାର୍ଟ ସାହେବ ପାଣି ବଦଳରେ ତୁମେ କଣ ମୋ ଦେଶକୁ ଛାଡି ଚାଲିଯାଇପାରିବ। ମୋ ଦେଶବାସୀଙ୍କୁ ସ୍ୱାଧୀନତା ଫେରାଇ ଦେଇପାରିବ। ଟେଗାର୍ଟ ସାହେବ ଯତୀନ୍‌ଙ୍କର ଏଭଳି ଦେଶଭକ୍ତି ଦେଖି ନିରବ ରହିଲେ। ଶେଷରେ ୧୯୧୫ ମସିହା ସେପ୍ଟେମ୍ବର ମାସ ୧୦ ତାରିଖରେ ବିପ୍ଳବୀ ବାଘାଯତୀନ୍ ଭାରତମାତାଙ୍କୁ ପ୍ରଣାମ କରି ଶେଷ ନିଶ୍ୱାସ ତ୍ୟାଗକରି ସବୁଦିନ ପାଇଁ ଆଖି ବୁଜିଦେଲେ। ହେଲେ ଆଜି ବି ସେହି ମହାନ ବିପ୍ଳବୀଙ୍କର ବାଣୀ ଆମମାନଙ୍କ ହୃଦୟରେ ଗୁଞ୍ଜରିତ ହେଉଛି।

ପାରାଦ୍ୱୀଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ.ନଂ.- ୯୯୩୭୬୯୧୪୭୫

# ଏକାଗ୍ରତା



ଜୀବନରେ ସଫଳତା ପ୍ରାପ୍ତି ପାଇଁ ଏକାଗ୍ରତା ସାଧନା ପଥରେ ଅପରିହାର୍ଯ୍ୟ। ମନକୁ ନ ମାରିବା ଯାଏଁ ଏକାଗ୍ରତା ମିଳିପାରି ନଥାଏ। ମନକୁ ମାରିବା ଅର୍ଥ ଦେହ ଅଭିମାନକୁ ଭସ୍ମ କରିଦେବା। ଇନ୍ଦ୍ରିୟମାନଙ୍କ ସମେତ ସମଗ୍ର ଶରୀର ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଜାରି କରିପାରିବା, ସେତେବେଳେ ହିଁ ଜଣେ ନିଜ ମନ ଉପରେ ବିଜୟ ହାସଲ କରିପାରେ ବା ମନକୁ ଜିତିପାରେ ଯେତେବେଳେ ମନର କୌଣସି ଗୋଟିଏ ହେଲେ ଇଚ୍ଛାକୁ ସେ ପୂରଣ କରି ନଥାଏ। ମନ ଆମର କ୍ରୀତଦାସ ଭଳି। ଆମର ନିର୍ଦ୍ଦେଶ ବା ଆଦେଶକୁ ଇନ୍ଦ୍ରିୟମାନଙ୍କ ସହାୟତାରେ ପାଳନ କରିବା ହିଁ ତା'ର କାମ। ମାତ୍ର ଅଧିକାଂଶ ସମୟରେ ଜୀବମାନେ ପଞ୍ଚ ବିକାରର ବଶବର୍ତ୍ତୀ ହୋଇ ମନକୁ କ୍ରୀତଦାସ ଆସନରୁ (ଚରଣ ପାଖରୁ) ଉଠେଇ ଆଣି ଶୀର୍ଷାସନରେ ବସାଇ ଦେଇଥାନ୍ତି। ଯଦ୍ୱାରା ପରବର୍ତ୍ତୀ ସମୟରେ ଲଗାମ ଲଗାଇବାକୁ ଚେଷ୍ଟା କଲାବେଳେ ସିଏ ଆଉ ସହଜରେ ବୋଲ ମାନି ନ ଥାଏ। ସେଥିପାଇଁ କୁହାଯାଇଛି–

*"ରାଜ୍ୟ ଜିଣିଲେ ରାଜା ଲଭଇ ଖ୍ୟାତି।*
*ବୀର ସମର ଜିଣି ରଖେ କୀରତି।*
*ନିଜ ହୃଦୟ ଯେହୁ ପାରଇ ଜିଣି।*
*ସଂସାରେ ସେହି ବୀର ମଉଡ଼ମଣି।"*

ସ୍ୱଭାବରେ ଅତି ଚଞ୍ଚଳରୂପୀ ଏହି ମନ ରୂପକ ଏକାଦଶ ଇନ୍ଦ୍ରିୟକୁ ନିୟନ୍ତ୍ରଣ କରିବା ପାଇଁ ଏକାଗ୍ରତା ଆବଶ୍ୟକ। ଏହି ଏକାଗ୍ରତା ସମ୍ବନ୍ଧରେ ପଢ଼ିଥିବା ଗଳ୍ପଟିଏ ଏଠାରେ ଉପସ୍ଥାପନ କରୁଛି।

ରାମୁ ନାମରେ ବାଳକଟିଏ। ବୟସ ଦଶ/ବାର ବର୍ଷ ହେବ। ପିଲାଟି ଦିନରୁ ପାଠଶାଠ ପଢ଼ିଲାନି। ସକାଳୁ ସକାଳୁ ପଖାଳ ଗଣ୍ଡାଏ ଠୁଙ୍କିଦେଇ, ଗାଁ ଗୋଟିକର ଗାଇମାନଙ୍କୁ ନେଇ ତୋଟାମାଳରେ ବୁଲେ, ଗାଈ ଜଗେ, ସନ୍ଧ୍ୟା ବେଳକୁ ଘରକୁ ଫେରେ। ଦିନକର କଥା। ସୂର୍ଯ୍ୟ ଅସ୍ତମିତ ହେବାର ସମୟ। ଦଳକୁ ଦଳ ପକ୍ଷୀ କିଚିରିମିଚିରି ଶବ୍ଦ କରି ବସାକୁ ବାହୁଡ଼ିବାର ବେଳ। ରାମୁ ଆମ୍ବତୋଟାର ଗୋଟିଏ ଆମ୍ବଡାଳରେ ଗୋଡ଼କୁ ଲମ୍ବେଇ ଦେଇ ବସିଛି। ସୁଲୁସୁଲିଆ ପବନ ବହୁଛି। ପ୍ରକୃତିର ଏପରି ମନୋରମ ଦୃଶ୍ୟରେ ତା'ର ମନପ୍ରାଣ ସତେ ଯେପରି ଆନନ୍ଦରେ ପୂରିଯାଉଛି। ଅତି ଖୁସିରେ ଉଲ୍ଲସିତ ହୋଇ ସେ ଗୀତ ବୋଲୁଛି, "କଳା କଳେବର କହ୍ନେଇ...ସଙ୍ଗେ ରୋହିଣୀ ସୁତ। କରନ୍ତି ମଥୁରା ବିଜୟ ଦାଣ୍ଡେ ଦେଖ ସଙ୍ଗାତ।" ହଠାତ୍ ରାମୁ ଦେଖିବାକୁ ପାଇଲା, ଆମ୍ବ ତୋଟାର ଅନତିଦୂରରେ ବହି ଯାଉଥିବା ଏକ କ୍ଷୁଦ୍ର ନଦୀରେ ସାଧୁ ଜଣେ ସ୍ନାନ ସମାପନ କରି ଅସ୍ତ ସୂର୍ଯ୍ୟଙ୍କ ଆଡ଼କୁ ମୁହଁ କରି ଅଣ୍ଟ ପାଣିରେ ଗୋଟିଏ ଗୋଡ଼ରେ ଠିଆ ହୋଇଛନ୍ତି। ବାମ ଗୋଡ଼ଟି ଡାହାଣ ଗୋଡ଼ର ଆଣ୍ଠୁ ଉପରକୁ ରଖିଛନ୍ତି। ବାମ ହସ୍ତର ଦୁଇ ଆଙ୍ଗୁଠି ମାଧ୍ୟମରେ ନାକର ଦୁଇ ପୁଡ଼ାକୁ ଚିପି ଧରିଛନ୍ତି। ଚକ୍ଷୁଯୁଗଳ ମୁଦ୍ରିତ ଅଛି। ରାମୁ ଦେଖିଲା ସାଧୁ ଏପରି ପ୍ରାୟ ଦୁଇ/ତିନି ମିନିଟ୍ କରିସାରି ଆଖି ଖୋଲିଲେ ଏବଂ ନଈ ଭିତରୁ କୂଳକୁ ଉଠି ଆସିଲେ। ପିଲାଟି ତାଙ୍କ ନିକଟକୁ ଯାଇ ଆଶ୍ଚର୍ଯ୍ୟ ହୋଇ ପଚାରିଲା, "ଗୋସେଇଁ ମହାପୁରୁ ଆପଣ ଏମିତି କଷ୍ଟ କରି ଆଖି ବୁଜି ନାକପୁଡ଼ା ବନ୍ଦ କରି, ନିଃଶ୍ୱାସ ନ ନେଇ, ଗୋଟିଏ ଗୋଡ଼ରେ ଠିଆହୋଇ କଣ କରୁଥିଲେ ଓ ଏପରି କଲେ କ'ଣ ମିଳିଥାଏ ?" ସାଧୁ ଜଣକ ଛୋଟ ପିଲାଟିର ମନରେ ଉଙ୍କି ମାରିଥିବା ଏହି ଜଟିଳ ପ୍ରଶ୍ନର ଉତ୍ତର କ'ଣ ଦେବେ ଚିନ୍ତା କରିପାରିଲେନି। ପିଲାଟିକୁ ଏଡ଼େଇ ଯିବାକୁ ମିଛଟିଏ କହିଦେଲେ। କହିଲେ ମୁଁ ସନ୍ଧ୍ୟା କରୁଥିଲି। ଏପରି କଲେ ଭଗବାନ ଦର୍ଶନ ଦିଅନ୍ତି।

ପିଲାଟି ସାଧୁ ଗୋସେଇଁଙ୍କ ମୁହଁରୁ ଏହି ଉତ୍ତରଟି ପାଇ ଏକା ନିଃଶ୍ୱାସକେ ଧାଇଁ ଧାଇଁ କିଛି ବାଟ ଚାଲିଗଲା। ନଈରେ ବୁଡ଼ଟାଏ ପକେଇ ସାଧୁ ଗୋସେଇଁ ଯେପରି ଠିଆ ହୋଇଥିଲେ, ସେପରି ଠିଆହୋଇ ରହିଲା। ଆଖି ବୁଜିଦେଲା। ବାମ ଗୋଡ଼ଟି ଡାହାଣ ଗୋଡ଼ର ଆଣ୍ଠୁ ଉପରେ ରଖିଲା ଏବଂ ବାମ ହସ୍ତର ଦୁଇ ଆଙ୍ଗୁଠିରେ ନାକର ଦୁଇ ପୁଡ଼ାକୁ ଚିପି ଧରିଲା, ଯେପରି ନିଃଶ୍ୱାସ/ପ୍ରଶ୍ୱାସ ଆଉ ନେଇହେବ ନାହିଁ। ଏକାଗ୍ର ଚିତ୍ତରେ ଭଗବାନଙ୍କୁ ଡାକି ଚାଲିଲା, ଦର୍ଶନ ଦିଅ ପ୍ରଭୁ, ମୋତେ ବି ଦର୍ଶନ ଦିଅ, ଯେପରି ସେହି ସାଧୁ ଗୋସେଇଁଙ୍କୁ ଦେଉଛ। ଭଗବାନଙ୍କ ଆସନ ସେପଟେ ଟଳମଳ ହେଲା। ଛୋଟିଆ ବାଳକଟିଏ। ତା'ର ଅକପଟ ସରଳ ତରଳ ହୃଦୟରେ ଭଗବାନଙ୍କୁ ଡାକି ଚାଲିଛି। ଆଉ ବିଳମ୍ବ କଲେ ପିଲାଟି ହୁଏତ ନିଃଶ୍ୱାସ ନ ନେଇପାରି ମୃତ୍ୟୁବରଣ କରିପାରେ। ତେବେ ବିଧାତାଙ୍କ କପାଳରେ କଳଙ୍କ ବୋଲି ହୋଇଯିବ। ପ୍ରଭୁ ଆଉ ଧୈର୍ଯ୍ୟ ଧରି ନ ପାରି ବାଳଗୋପାଳ ରୂପରେ ନଈ କୂଳରେ ଉଭା ହୋଇପଡ଼ି କହିଲେ, "ଆରେ ହେ ରାମୁ, ଆଖି ଖୋଲ, ଦେଖ, ମୁଁ ପରା ଆସି ତୋ ପାଖରେ ଠିଆ ହେଲିଣି। ଆ ! ଉଠିଆ ଏଥର। ପ୍ରଭୁଙ୍କ ବାଣୀରେ ପିଲାଟିର ଧ୍ୟାନଭଗ୍ନ ହେଲା। ଦେଖିଲା କୂଳରେ ବାଳକଟିଏ ଠିଆ ହୋଇଛି, ତାରି ସମାନ ବୟସର। ଘନନୀଳ ଶ୍ୟାମଳ ଅଙ୍ଗ, କର୍ଣ୍ଣରେ କୁଣ୍ଡଳ, ମଥାରେ ମୁକୁଟ, ପାଟ ପୀତାମ୍ବରୀ, ହାତରେ ମୂରଲୀ, ପାଦରେ ନୂପୁର, ଅଣ୍ଟାରେ ରତ୍ନମେଖଳା, ଗଳାରେ ରତ୍ନହାର, ମଥାରେ ଗୋରଚନା, ହୃଦୟରେ ଶ୍ରୀବତ୍ସ ପାଦଚିହ୍ନ, କୁଞ୍ଚୁକୁଞ୍ଚିଆ ଘନ କେଶରାଶିରେ ମୟୂରଚନ୍ଦ୍ରିକା, ହାତରେ କଙ୍କଣ, ବାହୁରେ ବାହୁଟି, କମନୀୟ ମନଲୋଭା ରୂପକାନ୍ତି, ପିଲାଟି ଦଣ୍ଡେ ଚାହିଁ ରହିଲା। ତା' ମନରେ ସନ୍ଦେହ ଆସିଲା, ଯେ କ'ଣ ସାଧୁ ଗୋସେଇଁଙ୍କୁ ଦର୍ଶନ ଦେଉଥିବା ସେହି ଭଗବାନ ! ନା ମୋ' ସହ କେହି ଆସି ଛଳନା କରୁଛି। ପିଲାଟି ହଠାତ୍ ନଈ ଉପରକୁ ଉଠିଆସି ଗୋଟିଏ ଦଉଡ଼ିରେ ସେହି ବାଳଗୋପାଳଙ୍କୁ ଆମ୍ବଗଛରେ ବାନ୍ଧି ପକେଇଲା। କହିଲା, ଆପଣ ଭଗବାନ କି ନୁହେଁ ମୁଁ ଜାଣିନି। ମୁଁ ସେହି ସାଧୁ ଗୋସେଇଁଙ୍କୁ ଡାକି ଆଣୁଛି। ସିଏ ଦେଖିଲେ କହିପାରିବେ, ତୁମେ ସତ ଭଗବାନ କି ନୁହେଁ? ମୁଁ ଏଇ ଗଲି, ଏଇ ଆସିଲି। କହି ଦୌଡ଼ିଗଲା ଏକା ନିଃଶ୍ୱାସକେ।

ସାଧୁ ଗୋସେଇଁଙ୍କୁ ହାତଧରି ନେଇ ଆସିଲା ଗଛମୂଳକୁ, ଯେଉଁଠାରେ ବାଳଗୋପାଳରୂପୀ ଭଗବାନ ସେହି ପିଲାଟିର ସରଳ ତରଳ ଭକ୍ତି ଆଗରେ ବନ୍ଧା ପଡ଼ିଯାଇଥିଲେ। ବାନ୍ଧି ହୋଇଯାଇଥିଲେ। ସାଧୁଗୋସେଇଁ ନିଜ ଆଖିକୁ ବିଶ୍ୱାସ କରି ପାରିଲେନି। ଲମ୍ବ ହୋଇ ପାଦତଳେ ପଡ଼ିଗଲେ। ଆଖିରୁ ବହୁଥିଲା ଧାର ଧାର ଲୁହ। ହଠାତ୍ ବାଳଗୋପାଳରୂପୀ ଭଗବାନ ଅନ୍ତର୍ଦ୍ଧାନ ହୋଇଗଲେ। ସାଧୁଗୋସେଇଁ ଏବେ ରାମୁକୁ ଜାକି କୁଣ୍ଢେଇ ପକେଇଲେ। କୋହ ଛଳଛଳ ହୋଇ କହିଲେ, ଆରେ ବାଳକ, ତୁ ଆଜିଠୁ ମୋର ଗୁରୁ। ଦୀର୍ଘଦିନ ତପସ୍ୟା, ତ୍ୟାଗ, ସାଧନା ବଳରେ ଯାହା ପାଇ ନଥିଲି, ତାହା ଆଜି ତୋରି ସରଳ ତରଳ ଅନାବିଳ ଭକ୍ତି ଯୋଗୁଁ ପାଇଗଲି। ପ୍ରକୃତରେ ମୁଁ ତୋତେ ମିଛ କହିଥିଲି। ମୁଁ ଭଗବାନଙ୍କୁ ଆଗରୁ କେବେ ଦେଖି ନଥିଲି। ତୋର ପ୍ରଶ୍ନକୁ ଏଡ଼େଇ ଯିବାକୁ ତୋତେ ଏମିତି କହିଦେଇଥିଲି। ହେଲେ ତୋର ଏକାଗ୍ରତା ପାଖରେ ପ୍ରଭୁ ଆସି ଆଜି ସତକୁ ସତ ବନ୍ଧା ପଡ଼ିଗଲେ। ତୁ ଏକ ମହାନ୍ ଭକ୍ତ, ମହାନ୍ ସନ୍ଥ, ମହାନ୍ ଗୁରୁ। କାରଣ ପରମାତ୍ମା ପ୍ରାପ୍ତି ଲାଗି ଯେଉଁ ଜିନିଷର ଆବଶ୍ୟକତା ଅଛି, ତାହା ତୋ ପାଖରେ ଅଛି। ତାହା ହେଲା ନିଷ୍କପଟ ହୃଦୟ, ସଂଶୟହୀନ ବିଶ୍ୱାସ, ସମ୍ପୂର୍ଣ୍ଣ ସମର୍ପଣ, ଅନାବିଳ ଭକ୍ତି, ସର୍ବୋପରି ଏକାଗ୍ରତା। ରାମୁ ବଡ଼ବଡ଼ ଆଖିରେ ସାଧୁ ଗୋସେଇଁଙ୍କୁ କେବଳ ଅନେଇ ରହିଥିଲା। ଅସ୍ତଗାମୀ ସୂର୍ଯ୍ୟଙ୍କ ସୁନେଲୀ କିରଣରେ ନଦୀଜଳ ଚିକ୍‌ମିକ୍ କରୁଥିଲା। ଗଛପତ୍ର ସନ୍ଧିରୁ ଘନେଇ ଆସୁଥିଲା ମେଞ୍ଚା ମେଞ୍ଚା ଅନ୍ଧାର।

**ଡ. ପ୍ରତିଭା ମହାରଥୀ**
**ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯**

# ଧନ୍ୟ ତୁଗୁଣ୍ଡୁଚିମୂଷା



ଦୀନବନ୍ଧୁ ନାୟକ

ଗୁଣ୍ଡୁଚିମୂଷା-କ୍ଷୁଦ୍ର ପ୍ରାଣୀଟିଏ, ନିରିହବି। କିନ୍ତୁତା' ନାଁଟିଶୁଣିଲେବାତାକୁ ଦେଖିଲେ, ସ୍ୱତଃଶ୍ରୀରାମଚନ୍ଦ୍ରଙ୍କରସେତୁନିର୍ମାଣ ଦୃଶ୍ୟଭାସିଉଠେ । ମାତାସୀତାଙ୍କସନ୍ଧାନ ପାଇବା ପରେଲଙ୍କାକୁ ଯିବା ପାଇଁସେତୁ ନିର୍ମାଣରେବାନରସେନା ପ୍ରାଣମୂର୍ଚ୍ଛାଲାଗି ପଡିଛନ୍ତ । ବଡବଡ ପଥରଖଣ୍ଡମାନ ବୋହିଆଣି ନଳନୀଳଙ୍କ ନିକଟରେ ପହଂଚାଇ ଦେଉଛନ୍ତି । ହନୁମାନଜୀ ସେଥିରେ ରାମନାମ ଲେଖି ସେତୁ ନିର୍ମାଣକାର୍ଯ୍ୟରେବ୍ୟସ୍ତ । ପ୍ରଭୁ ଶ୍ରୀରାମଚନ୍ଦ୍ର ଏସବୁ ଦେଖୁଛନ୍ତ । ହଠାତ୍‌ତାଙ୍କ ଦୃଷ୍ଟିରେ ପଡିଲା ଏଇ କ୍ଷୁଦ୍ର ପ୍ରାଣୀଗୁଣ୍ଡୁଚିମୂଷାଟି । ସମୁଦ୍ର ପାଣିରେ ଡୁବମାରୁଛି, ଉଠିଆସି ଶୁଖିଲାବାଲିରେଗଡି ଯାଉଛି । ତା' ଦେହରେ ଯେତେ ବାଲିଲାଗି ଯାଉଛି, ସେତକ ଆଣିସେତୁଉପରେଝାଡି ଦେଉଛି । ପୁଣି ଯାଇଡୁବମାରୁଛି, ଗଡୁଛି, ବାଲିଝାଡୁଛି; ଅନବରତ ଏହିପରି କରିଚାଲିଛି । କୌଣସି ଦିଗକୁଲକ୍ଷ୍ୟ ନାହିଁ। ଏ ଦୃଶ୍ୟ ଦେଖି ପ୍ରଭୁତରଳିଗଲେ । ସ୍ନେହରେଡାକି ପଚାରିଲେ -'ବାବୁରେ ! ମୁଁ ଅନେକବେଳୁଁଲକ୍ଷ୍ୟକରୁଛି, ତୁ ଏମିତି କାହିଁକିକରୁଛୁ ?'ଗୁଣ୍ଡୁଚିମୂଷାକହିଲା- 'ପ୍ରଭୁ ! ମୁଁ ତ ବାନରସେନା ପରିବଡବଡ ପଥରଖଣ୍ଡବୋହି ପାରିବିନି । ମୋ ଦେହରେ ଯେତେ ବାଲିଲାଗିଯାଉଛି, ସେତକ ଆଣିବନ୍ଧରେଝାଡିଦେଲେସେଗୁଡିକ ତ ଦୁଇପଥର ସନ୍ଧିରେ ଲାଗିଯାଇ ସେଗୁଡିକୁ ବାନ୍ଧିରଖିବ ! ଏତେବଡମହତକାମରେମୁଁ ଆଉ କ'ଣ କରିପାରିବି ପ୍ରଭୁ !'ପ୍ରଭୁ ଆନନ୍ଦରେ ଗଦ୍‌ଗଦ୍ ହୋଇଗଲେ । ସେ ତ ସବୁରି ଅନ୍ତର ଜାଣନ୍ତି । ଏତେଟିକେ ପ୍ରାଣୀ ! ଏତେ ବଡ ସେତୁ ନିର୍ମାଣରେ ସେଯେତେଦୂର ପାରିବ, ସେତେ ସହ ଯୋଗକରୁଛି । କେତେଶ୍ରଦ୍ଧା, କେତେପ୍ରେମ, କେତେ ସମର୍ପଣ ଭାବ ସତେତା' ହୃଦୟରେ !କି ନିଷ୍ଠାର ସହିତ ସେତା'ର ନିଷ୍କାମକର୍ମରେ ନିମଗ୍ନ !!'ଧନ୍ୟ-ଧନ୍ୟ ତୁବାବୁ !' କହି ଶ୍ରଦ୍ଧାରେତାକୁ ଆଉଁଷି ଦେଲେ । ପ୍ରଭୁଙ୍କ ରତିନୋଟି ଆଙ୍ଗୁଳିର ତିନୋଟି ଗାରତା' ପିଠି ଉପରେ ପଡିଗଲା । ସ୍ନେହ ଶ୍ରଦ୍ଧାର ସେଗାରତିନୋଟି ଆଜି ପର୍ଯ୍ୟନ୍ତ ରହିଛି । କାହିଁକେତେ ହଜାରହଜାର ବର୍ଷ ବିତିଗଲାଣି କଳନା କରି ହେଉନାହିଁ, କିନ୍ତୁ ସେ ଗାର ସେହିପରି ଅବିକଳ ଆଜି ପର୍ଯ୍ୟନ୍ତ ରହିଛି । ଗତ ଶତାବ୍ଦିରଗୋଟିଏଘଟଣାମନେ ପଡିଯାଉଛି । ସ୍ୱାଧୀନତା ସଂଗ୍ରାମ ଜୋରସୋରରେଚାଲୁଥାଏ । ମହାତ୍ମାଗାନ୍ଧୀଙ୍କ ଡାକରାରେହଜାରହଜାର ନରନାରୀ ଅସହଯୋଗ ଆନ୍ଦୋଳନରେ ସ୍ୱତଃ ପ୍ରବୃତହୋଇ ଯୋଗଦାନ କରୁଥାଆନ୍ତ । ବିରାଟବିରାଟସଭାସମିତିହେଉଥାଏ । ଏହିସଭାମାନଙ୍କରେ ଧନୀଗରିବ ନିର୍ବିଶେଷରେସମସ୍ତେ ନିଜନିଜଶକ୍ତି ଅନୁସାରେସ୍ୱେଚ୍ଛାରେଚାନ୍ଦା ଦେଉଥାଆନ୍ତ । ଏହିପରି ଏକ ସଭାରେକେତେବଡବଡ ଧନୀ, ଶେଠ୍‌ଚାନ୍ଦା ଦେଉଥାଆନ୍ତ । ବୟସଭାରରେ ନଇଁ ପଡିଥିବାବୁଢୀମା'ଟିଏ ନଇଁନଇଁ ଆସିମହାତ୍ମାଙ୍କ ପାଦତଳେ ଅଧଲାଟିଏ ଥୋଇଦେଲା । ସେତେ ବେଳେ ଟଙ୍କାଙ୍କଷୋଳଅଣା, ଅଣାକଚାରିପଇସା, ପଇସାକ ଦୁଇ ଅଧଲା ଥାଏ । ବୁଢୀମା'ଟିର ଦାନକୁମହାତ୍ମାଗାନ୍ଧୀଠିକ୍‌ଭାବେବୁଝି ପାରିଥିଲେ ପ୍ରଭୁଶ୍ରୀରାମଙ୍କ ପରି । ଅତ୍ୟନ୍ତ ଶ୍ରଦ୍ଧାସମ୍ମାନର ସହିତ ଅଧଲାଟିକୁଉଠାଇ ପାଖରେ ଥିବା ମହାଦେବ ଦେଶାଇଙ୍କୁ ଦେଇ କହିଲେ -'ଏଇ ଅଧ ଲାଟିକୁ ସ୍ୱତନ୍ତ୍ରଭାବେ ଯତ୍ନସହକାରେରଖିବ । ଏହାଶେଠ୍‌ମାନଙ୍କଲକ୍ଷଲକ୍ଷଟଙ୍କାଠାରୁ ଅଧିକ ମୂଲ୍ୟବାନ ।'ଦୁଇଟିଯାକ ଘଟଣାକୁ ଲକ୍ଷ୍ୟକଲେ ଦେଖାଯାଏ, ଏଠାରେ ପରିମାଣ ନୁହେଁ, ଶ୍ରଦ୍ଧା, ଭକ୍ତି, ପ୍ରେମ, ସମ୍ମାନ, ଆନ୍ତରିକତାର ଗୁରୁତ୍ୱରହିଛି । ମହତକାର୍ଯ୍ୟରେ ଅଧଲାଟିଏ, ବାଲିଗରଡାଟିଏ ବାବାଲିକଣାଟିଏ ବିବହୁମୂଲ୍ୟବାନ ହୋଇଥାଏ । ତେବେ, ଗୋଟିଏ କଥା ମନକୁ ଆସେ,- ସଦ୍‌ଭାବନାର ଚେର କେତେଗଭୀରକୁ ଲମ୍ବିଛି ! ଏ ସୃଷ୍ଟିରେକୀଟଠାରୁ ଆରମ୍ଭ କରିବୃହତମ ପ୍ରାଣୀ ପର୍ଯ୍ୟନ୍ତ ସମସ୍ତେ ପଂଚମମହାଭୂତଙ୍କର ପ୍ରପଂଚିକରଣ ଦ୍ୱାରାଗଠିତହୋଇଛନ୍ତ । ମାଟି, ପାଣି, ଅଗ୍ନି, ବାୟୁ ଓ ଆକାଶ ତ ବାହ୍ୟ ପଦାର୍ଥ । ଶ୍ରୀଗୀତାଏହାକୁ ଅପରାପ୍ରକୃତିକହିଛନ୍ତ । ପ୍ରତ୍ୟେକ ପ୍ରାଣୀସେମାନଙ୍କ ପ୍ରଜାତି ଅନୁସାରେସଂସାରରେବଂଚିରହିବା ପାଇଁ ନିଜ ନିଜ ପ୍ରକୃତିଗତବ୍ୟବସ୍ଥା, ଅଭ୍ୟାସ, ଖାଦ୍ୟ ଇତ୍ୟାଦି ଦ୍ୱାରା ପରିଚାଳିତହେଉଛନ୍ତ । ଏହାଜନ୍ମଜାତବାସହଜାତ ପ୍ରବୃତି । ଏହାଦ୍ୱାରାଜନ୍ମ ପରେ ପରେ ଗାଈରବାଛୁରି ମା'ର ପହ୍ନାଖୋଜେ, ଅଣ୍ଡାରୁବାହାରି ପକ୍ଷୀଶାବକଟିକ୍ରମେଉଡିଶିଖେ, ମାଛଛୁଆଟିଜଳରେ ପହଁରେ । କିନ୍ତୁମୃତ୍ୟୁ ତ ସମସ୍ତଙ୍କ ନିମନ୍ତେ ଧ୍ରୁବସତ୍ୟ । ମୃତ୍ୟୁ ଆସେସେତେବେଳେ, ଯେତେବେଳେ ଏଇ ଅପରାପ୍ରକୃତିରୁ ପରାପ୍ରକୃତିରସତା, ଚେତନ ସତାବାଜୀବାତ୍ମା ଶରୀରକୁ ତ୍ୟାଗକରେ ।

ତା'ହେଲେ, ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଗୁଣ୍ଡୁଚିମୂଷା ପିଠିଆଉଁଷାଚିହ୍ନ ତ କେଉଁ କାଳରୁ ଲୋପ ପାଇସାରିଥାଆନ୍ତା, ଆଜି ପର୍ଯ୍ୟନ୍ତ ରହିଛିକିପରି ?

ସାଧାରଣତଃ, ଆମେ ପ୍ରଥମେ ଯାହାଚିନ୍ତାକରୁଁ, ପରେତାହାକୁକାର୍ଯ୍ୟରେ ପରିଣତକରୁଁ । ଏଇ ଚିନ୍ତାଟିଭିତରେହୁଏ, ହୁଏତ ମନସ୍ତରରେ ବାବୁଦ୍ଧିସ୍ତରରେବା ଆହୁରିଗଭୀରରୁ । ଅହଁକାରସବୁଠାରେ ଥାଏ, କାରଣ ଅହଂକାର ନ ରହିଲେକାମକରିହେବନି । ଗୁଣ୍ଡୁଚିମୂଷାରଚିହ୍ନ ଏ ସ୍ତରଗୁଡିକରୁ ଆହୁରିଗଭୀର, ସେଇଥିପାଇଁତାହା ଆଜି ପର୍ଯ୍ୟନ୍ତ ରହିଛି । ପଂଚମହାଭୂତ, ମନ, ବୁଦ୍ଧି, ଚିତ, ଅହଂକାରକୁ ଅତିକ୍ରମକରିଗଲେଜୀବାତ୍ମା, ଚୈତ୍ୟସତା, ଦିବ୍ୟସତାଙ୍କ ଦର୍ଶନ ମିଳେ । ମନେ ହୁଏ, ଗୁଣ୍ଡୁଚିମୂଷାରଶ୍ରଦ୍ଧା, ପ୍ରେମ, ଭକ୍ତି, ନିଷ୍ଠାତା'ର ଆତ୍ମାପର୍ଯ୍ୟନ୍ତ ଲମ୍ବି ଯାଇଛନ୍ତ । ତେଣୁ ଅପରାପ୍ରକୃତିରଯେତେ ଯାହା ପରିବର୍ତନ ହେଲେ ମଧ ମୂଳଟି ଦିବ୍ୟସତା ସହ ଯୋଡି ହୋଇ ରହିଥିବାରୁତାହା ଆଜି ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣରହିଛି । ଆଧୁନିକ ବୈଜ୍ଞାନିକ ଭାଷାରେକହିଲେ, ଗୁଣ୍ଡୁଚିମୂଷାର ପ୍ରେମଭକ୍ତିତା'ର ଅସ୍ଥିମଜ୍ଜାଗତକେବଳ ନୁହେଁ, ତା'ରଜୀନ୍ ପର୍ଯ୍ୟନ୍ତ ଲମ୍ବି ଯାଇଛି । ଯୁକ୍ତିକରାଯାଇ ପାରେ, ଗୋଟିଏଗୁଣ୍ଡୁଚିମୂଷା ତ ଏହାକରି ପାରିଥିଲା ! ସବୁଗୁଣ୍ଡୁଚିମୂଷାଙ୍କ ପିଠିରେ ଏ ଚିହ୍ନରହିଲାକିପରି ? ଉତରରେ କୁହାଯାଇପାରେ, ପ୍ରଭୁ ସର୍ବସମର୍ଥ । ସେ ତ ପ୍ରେମମୟ, ଦୀନବନ୍ଧୁ, କୃପାସିନ୍ଧୁ, କରୁଣାସାଗର । ଗୁଣ୍ଡୁଚିମୂଷା ପ୍ରତିତାଙ୍କର ପ୍ରେମସମଗ୍ରଜାତି ପ୍ରତି ପ୍ରସରି ଯାଇଥିବ, ସଂଚରିତହୋଇ ଯାଇଥିବ । ତେଣୁସେଜାତି ଥିବା ପର୍ଯ୍ୟନ୍ତ ଏ ପବିତ୍ରଚିହ୍ନରହିଥିବ । ଅଧିକନ୍ତୁ, ପ୍ରଭୁଙ୍କରସ୍ନେହ, ଶ୍ରଦ୍ଧା, ଆଦର, କୃପା, କରୁଣାଏତେଗଭୀର ଥିଲା ଯେ ତାହାଚିରଦିନ ନିମନ୍ତେ ରହିଯାଇଛି । ଧନ୍ୟ ପ୍ରଭୁ ! ଧନ୍ୟ ତୁମକୃପା, ଭକ୍ତବତ୍ସଳତା ! ଆଉ ଧନ୍ୟ ତୁଗୁଣ୍ଡୁଚିମୂଷା !

ଟିକେ ଅଟକି ଯାଇଭାବିବାକି ! ଯଦି ଗୁଣ୍ଡୁଚିମୂଷା ପରିକ୍ଷୁଦ୍ର ପ୍ରାଣୀଟିଏ ପ୍ରଭୁଙ୍କର ଏପରି କୃପା ଲାଭକରିପାରେ, ତେବେ, ଏବେସୃଷ୍ଟିରସର୍ବଶ୍ରେଷ୍ଠ ପ୍ରାଣୀବୋଲିଡିଣ୍ଡିମ ପିଟୁଥିବା ଆମେ ମଣିଷମାନେ ଗୁଣ୍ଡୁଚିମୂଷାର ପ୍ରେମଭକ୍ତି ଆମମାନଙ୍କ ଅନ୍ତରରେ ସ୍ଥାପନ କରିପାରିବା ନାହିଁ ? ମହତ କାମରେ ଗୁଣ୍ଡୁଚିମୂଷା ପରିବାଲିକଣାଟିଏବାବୁଢୀମା'ଟି ପରି ଅଧଲାଟିଏଯୋଗଦାନ କରି ପାରିବା ନାହିଁ ?

ସା :ତରାପୁର, ପୋ : ଲକ୍ଷ୍ମୀନଗର,
ଜିଲ୍ଲା: ଯାଜପୁର ।
ମୋ :୯୯୩୭୫୯୩୪୯୩




# ବେଦାନ୍ତ ପକ୍ଷରୁ ସର୍ବପ୍ରଥମ ଦୀର୍ଘସ୍ଥାୟୀ ବିକାଶ ରିପୋର୍ଟ ପ୍ରକାଶ:ବିଶ୍ୱପରିବେଶ ଦିବସ ଉପଲକ୍ଷେ ୨୦୧୯-୨୦ ଆର୍ଥିକ ବର୍ଷର ଦୀର୍ଘସ୍ଥାୟୀ ଦକ୍ଷତା ହାଇଲାଟ୍ସ








ଭୁବନେଶ୍ୱର : ଆଲୁମିନିୟମ୍ ଏବଂ ଏହାର ମୂଲ୍ୟଯୁକ୍ତ ଉତ୍ପାଦ କ୍ଷେତ୍ରୀୟ ଭାରତର ବୃହତ୍ କମ୍ପାନୀ ବେଦାନ୍ତ ଆଲୁମିନିୟମ୍ ଏବଂ ପାୱାର ବିଜ୍ନେସ୍ ଲିମିଟେଡ ପକ୍ଷରୁ ଏହାର ସର୍ବପ୍ରଥମ ଦୀର୍ଘସ୍ଥାୟୀ ବିକାଶ ସମ୍ପର୍କିତ ରିପୋର୍ଟ (Sustainability Development Report)ପ୍ରକାଶ ପାଇଛି। ଏହି ରିପୋର୍ଟରେ କମ୍ପାନୀ ପକ୍ଷରୁ ଶକ୍ତି ପରିଚାଳନା, ଜଳ ପରିଚାଳନା, ଜୈବ ବିବିଧତା ପରିଚାଳନା, ବାୟୁ ଗୁଣବତା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା, ସାମାଜିକ ପ୍ରଭାବ ତଥା ଗଭର୍ଣ୍ଣାସ୍ ଆଦିକୁ ୨୦୧୯-୨୦ ଆର୍ଥିକ ବର୍ଷର ଆଧାର ଭାବେ ଗ୍ରହଣ କରାଯାଇଛି।ବିଶ୍ୱ ପରିବେଶ ଦିବସ ଅବସରରେ ଏହି ଦୀର୍ଘସ୍ଥାୟୀ ବିକାଶ ରିପୋର୍ଟର ରିପୋର୍ଟର ଉନ୍ମୋଚନ କରାଯାଇଛି। ଏହାକୁ ବେଦାନ୍ତର ବିଜନେସ୍ ୱେବସାଇଟ୍ www. vedanta aluminium. comରେ ଉପଲବ୍ଧ ହେଉଛି।ଏହି ଅବସରରେ ରାହୁଲ ଶର୍ମା ଓଡ଼ିଶାର ଆଇଆଇଏମ୍ ସମ୍ବଲପୁରର ଶତାଧିକ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ଏଠାରେ କମ୍ପାନୀର ବୃହତ୍ ଆଲୁମିନିୟମ୍ କମ୍ପ୍ଲେକ୍ସ ଏବଂ ଆଲୁମିନା ରିଫାଇନାରୀ ରହିଛି। ଏକ ଭର୍ଚ୍ୟୁଆଲ୍ କ୍ୟାମ୍ପସ୍ କନେକ୍ଟ ଅଧିବେଶନରେ ନ୍ତବ୍ୟବସାୟ କ୍ଷେତ୍ରରେ ଦୀର୍ଘସ୍ଥାୟୀ ବିକାଶ ତଥା ଉତମ ଏବଂ ଭଲ କରିବା ପାଇଁ ସେତି ସେତୁ ସଂଯୋଗନ୍ତ ଶୀର୍ଷକ ବିଷୟରେ ଆଲୋଚନା କରାଯାଇଥିଲା। ରାହୁଲ ଶର୍ମା ଏହି ସସ୍ଟେନେବିଲିଟି ରିପୋର୍ଟ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସରଙ୍କୁ ଏମ୍.ପି. ଜୟସ୍ୱାଲ ପ୍ରଦାନ କରିଛନ୍ତି।ଏହି ଅବସରରେ ବେଦାନ୍ତ ଲିମିଟେଡ୍‌ର ଆଲୁମିୟମ୍ ବିଜ୍ନେସ୍ ଡେପୁଟି ସିଇଓ ରାହୁଲ ଶର୍ମା କହିଲେ, ବେଦାନ୍ତର ଗୁଡ୍ ଗଭର୍ଣ୍ଣାସ୍ ଏବଂ ସସ୍ଟେନବୁଲ୍ ଡେଭଲପ୍‌ମେଂଟ୍ ଆମ ବ୍ୟବସାୟର ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଶ୍ରେଷ୍ଠ ଜ୍ଞାନକୌଶଳ, ବିଶ୍ୱସ୍ତରୀୟ ପ୍ରଣାଳୀ ଏବଂ ଆମର ପ୍ରତିଭାସମ୍ପନ୍ନ ମାନବ ସମ୍ବଳ ଆମକୁ ସଫଳତାର ଶୀର୍ଷରେ ପହଂଚାଇଛି। ଆର୍ଥିକ କ୍ଷେତ୍ର ଏବଂ ସାମାଜିକସ୍ତରରେ ଆମେ ଆମର ଷ୍ଟେକ୍ ହୋଲ୍ଡର ଓ ସ୍ଥାନୀୟ ବାସିନ୍ଦାଙ୍କ ଜୀବନ ତଥା ଜୀବନ ଜୀବିକା ବିକାଶକୁ ପ୍ରାଧାନ୍ୟ ଦେଉଛି। ଏନଭାର୍ନମେଂଟ୍, ସୋସିଆଲ ତଥା ଗଭର୍ଣ୍ଣାସ୍ (ଇଏସ୍‌ଜି) କ୍ଷେତ୍ରରେ ଆମର କାର୍ଯ୍ୟ ଜାରି ରହିଛି। ବେଦାନ୍ତ ଗ୍ରୁପ୍ କାର୍ବନ ନ୍ୟୁଟ୍ରାଲିଟି ପାଇଁ ପ୍ରତିଶ୍ରୁତିବଦ୍ଧ । ଏକ ଦାୟିତ୍ୱ ସମ୍ପନ୍ନ କମ୍ପାନୀ ଭାବେ ଆମେ ଦେଶ, ଗ୍ରାହକ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ଲାଭାନ୍ୱିତ କରିବାର ପ୍ରୟାସ କରୁଛୁ।ଏହି ରିପୋର୍ଟ ଗ୍ଲୋବାଲ ରିପୋର୍ଟିଂ ଇନିସିଏଟିଭ୍(ଜିଆର୍‌ଆଇ) ଷ୍ଟାଣ୍ଡାର୍ଡ, ଜାତିସଂଘର ଗ୍ଲୋବାଲ କମ୍ପାକ୍ଟ (ୟୁଏନ୍‌ଜିସି) ପ୍ରିନ୍ସିପୁଲ ଏବଂ ଜାତିସଂଘ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ(ୟୁଏନ୍-ଏସ୍‌ଡିଜିଏସ୍) ଆଧାରରେ ପ୍ରସ୍ତୁତ କରାଯାଇଛି। ଏହି ରିପୋର୍ଟରେ ନିମ୍ନ ପ୍ରସଙ୍ଗକୁ ସ୍ଥାନୀତ କରାଯାଇଛି। ଅପରେଶନାଲ ଶ୍ରେଷ୍ଠତ୍ୱ ମାନଦଣ୍ଡ ଆଧାରରେ ଆଲୁମିନିୟମ୍ ଉତ୍ପାଦନ। ବେଦାନ୍ତ ଆଲୁମିନିୟମ୍ ଦ୍ୱାରା ୪.୮ ବିଲିୟନ୍ ଡଲାର ମୂଲ୍ୟର ଇକୋନୋମିକ୍ ଭାଲ୍ୟୁ ସୃଷ୍ଟି ହୋଇ ପାରିଛି। ୧୪ ନିୟୁତ ଡଲାରରୁ ଅଧିକ ଗୋଷ୍ଠୀ ଉନ୍ନୟନ, ଜୀବନଜୀବିକା ବିକାଶ, ଦକ୍ଷତା ବିକାଶ, ଗୁଣବତାଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିଭଳ ଆଦି କ୍ଷେତ୍ରରେ ବିନିଯୋଗ ହୋଇଛି। ଏହା ଦ୍ୱାରା ୩ ଲକ୍ଷରୁ ଅଧିକ ଲୋକଙ୍କର ଜୀବନ ଶୈଳୀରେ ଉନ୍ନତି ସମ୍ଭବ ହୋଇପାରିଛି। ବର୍ଜ୍ୟ ଜଳର ପୁନଚକ୍ରଣ ଏବଂ ପୁନର୍ବ୍ୟବହାର ଦ୍ୱାରା ୩.୬ ଘନମିଟର ବିଶୁଦ୍ଧ ଜଳର ବ୍ୟବହାର ଗତ ଆର୍ଥିକ ବର୍ଷଠାରୁ ହ୍ରାସ ପାଇଛି। ଝାରସୁଗୁଡ଼ା ସ୍ଥିତ ବେଦାନ୍ତର ଆଲୁମିୟମ୍ ସ୍ମେଲଟର ଭାରତ ପ୍ରଥମ ତଥା ବିଶ୍ୱର ତୃତୀୟ ସ୍ମେଲଟର ଭାବେ ଡିଜିଟାଲ ସମାଧାନ ଉପଲବ୍ଧ କରାଉଛି। ଏହା ଡିଜିଟାଲ ଟୁଇନ୍ ଟେକ୍ନୋଲୋଜ ଦ୍ୱାରା ଭବିଷ୍ୟତ ଯଥା ଆନାଲାଟିକ୍ସ ଶକ୍ତି ଦକ୍ଷତା କଂଚାମାଲ ହ୍ରାସ ଏବଂ ବର୍ଜବସ୍ତୁ ପରିମାଣ କମାଯାଇ ପାରୁଛି। ୧୦.୫ ନିୟୁତ ୟୁନିଟ୍ ବିକଳ୍ପ ଶକ୍ତି କ୍ରୟ କରାଯାଇ ଉପଯୋଗ ହୋଇଛି। କାର୍ବନ ଫୋରମ୍ ଗଠନ କରାଯାଇ କମ୍ପାନୀରେ କାର୍ବନ ହ୍ରାସ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରାଯାଇଛି। ଆଲୁମିନିୟମ୍ ସ୍ମେଲଟିଙ୍ଗ୍ କ୍ଷେତ୍ରରେ ଜିରୋ ୱେଷ୍ଟ୍ ଅନ୍ତର୍ଗତ ରୁନାୟା ଏଲ୍‌ଏଲ୍‌ସି ସହିତ ମିଳିତ ହୋଇ ୧୦୦% ଡ୍ରୋସ୍‌ର ବ୍ୟବହାର କରାଯାଉଛି। ୧୦୦%ରୁ ଅଧିକ ଫ୍ଲାଏ ଆଶ୍ ବ୍ୟବହାର ବିଭିନ୍ନ କାର୍ଯ୍ୟରେ ସମ୍ପନ୍ନ ହେଉଛି। ଏଥିରୁ ସିମେଂଟ ପ୍ରସ୍ତୁତି, ଇଟା ତିଆରି ଏବଂ ଖଣିର ବ୍ୟାକ୍ ଫିଲିଂ ଆଦି କରାଯାଉଛି। ଛତିଶଗଡ଼ର ମଣିପତ୍ ଏବଂ ବୋଦାଇ ଡାଳଡାଲି ବକ୍ସାଇଟ୍ ଖଣି ଅଂଚଳରେ ୨ ନିୟୁତ ବୃକ୍ଷଚାରା ରୋପଣ କରାଯାଇ ୱାଟର ରିଚାର୍ଜିଂ ନିର୍ମାଣ କରାଯାଇଛି। ୧୨% ମହିଳା ପେଶାଦାରଙ୍କୁ ବେଦାନ୍ତ ଆଲୁମିନିୟମ୍‌ରେ ନିଯୁକ୍ତ କରାଯାଇଛି। ଯାହାକି ଭାରତର ମେଟାଲ ଏବଂ ମାଇନିଂ ସେକ୍ଟରରେ ସର୍ବାଧିକ। କୋଭିଡ୍ ସଂକ୍ରମଣଠାରୁ ବେଦାନ୍ତ ଆଲୁମିନିୟମ୍ ସ୍ଥାନୀୟ ଗୋଷ୍ଠୀ, ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କୁ ଆବଶ୍ୟକ ସହାୟତା କରିବା ସହିତ ଗ୍ରୋସରୀ ଯୋଗାଣ, ପିପିଇ, ମେଡ଼ିକାଲ ଉପକରଣ, ଅକ୍ସିଜେନ୍, ଆର୍ଥିକ ସହାୟତା ଆଦି ଯୋଗାଇ ଦେଉଛି।ଇନଷ୍ଟିଚ୍ୟୁଟ୍ ଅଫ୍ କମ୍ପିଯେଟିଭ୍‌ନେସ୍(ଆଇଏଫ୍‌ସି) ଅନୁସାରେ ବେଦାନ୍ତ ଆଲୁମିନିୟମ୍ ଏବଂ ପାୱାର ବିଜ୍ନେସ୍ ଭାରତ ଜିଡ଼ିପିରେ ୧% ଯୋଗଦାନ କରିଥାଏ। ଏହା କାର୍ବନ ନ୍ୟୁଟ୍ରାଲିଟି ପାଇଁ ପ୍ରତିଶ୍ରୁତିବଦ୍ଧ। ୨୦୨୧ ଠାରୁ ବେଦାନ୍ତ ମାନବ ସମ୍ବଳ ସ୍ୱାସ୍ଥ୍ୟ, ସୁରକ୍ଷା, ଜଳବାୟୁ ପରିବର୍ତନ, ପରିବେଶ ପରିଚାଳନା, ଏବଂ ଗୋଷ୍ଠୀ ତଥା ସାମାଜିକ ପ୍ରଦର୍ଶନ ଉପରେ କାର୍ଯ୍ୟ ଜାରି ରଖିଛି।ଏହି ଅବସରରେ ପ୍ରଫେସର ଏମ୍.ପି. ଜୟସ୍ୱାଲ କହିଲେ, ବେଦାନ୍ତ ଏହାରୀ ପ୍ରଥମ ସସ୍ଟେନବିଲିଟି ରିପୋର୍ଟ ପ୍ରକାଶ କରିଥିବାରୁ ଆମେ ବେଶ୍ ଆନନ୍ଦିତ। ଏହା ଗ୍ରୀନର ଭବିଷ୍ୟତ ପାଇଁ ପ୍ରତିଶ୍ରୁତିବଦ୍ଧ। ରିପୋର୍ଟରେ ବେଦାନ୍ତର ପ୍ରତିଶ୍ରୁତିବଦ୍ଧତା ସ୍ଥାନୀତ ହୋଇଛି। ବିଶ୍ୱସ୍ତରୀୟ ସସ୍ଟେନବିଲିଟି ଏବଂ ପରିବେଶ ସୁରକ୍ଷା ଲକ୍ଷ୍ୟ ନେଇ ଏହା କାର୍ଯ୍ୟ ଜାରି ରଖିଛି। ଦାୟିତ୍ୱବୋଧ ଅନ୍ତର୍ଗତ ଏହା ବିକାଶ ଧାରାକୁ ବଜାୟ ରଖିବାକୁ ଗୁରୁତ୍ୱ ପ୍ରଦାନ କରୁଛି।ବେଦାନ୍ତ ଆଲୁମିନିୟମ୍ ଆଣ୍ଡ୍ ପାୱାର ବିଜ୍ନେସ୍ ଯାହାକି ବେଦାନ୍ତ ଲିମିଟେଡ୍‌ର ଅଂଶବିଶେଷ। ଏହାର ପରିମାଣ ବାର୍ଷିକ ୨.୨ ନିୟୁତ ଟନ୍ ରହିଛି। ଏହା ବେଦାନ୍ତ ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦ ପ୍ରସ୍ତୁତିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏହାର ବିଶ୍ୱସ୍ତରୀୟ ସ୍ମେଲଟର, ପାୱାର ପ୍ଲାଂଟ୍ ଏବଂ ଆଲୁମିନା ରିଫାଇନାରୀ ଭାରତରେ ବିଭିନ୍ନ ଅଂଚଳରେ ରହିଛି। ଆଲୁମିନିୟମ୍‌କୁ ଭବିଷ୍ୟତର ମେଟାଲ ଭାବେ ପ୍ରତିପାଦିତ କରି ଏକ 'ଗ୍ରୀନର ଟୁମୋରୋ' ଗଠନ ପାଇଁ ବେଦାନ୍ତ ପ୍ରୟାସ ଜାରି ରଖିଛି।

## ବାତ୍ୟା ୟଶ ର କ୍ଷୟକ୍ଷତି ଅନୁଧ୍ୟାନ କଲେ କେନ୍ଦ୍ରୀୟ ପ୍ରତିନିଧି ଦଳ

ଭଦ୍ରକ: ନିକଟ ଅତୀତରେ ବାତ୍ୟା ୟଶ ଭଦ୍ରକ ଜିଲ୍ଲାରେ ପ୍ରଭୁତ କ୍ଷତି ଘଟାଇ ଯାଇଛି। ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ଧାମରା ଅ ଳ। ବାତ୍ୟା ଜନିତ କ୍ଷୟକ୍ଷତିର ଅନୁଧ୍ୟାନ ନିମନ୍ତେ ଆଜି କେନ୍ଦ୍ର ସରକାରଙ୍କ ଏକ ପ୍ରତିନିଧି ଦଳ ଭଦ୍ରକ ଜିଲ୍ଲା ଗସ୍ତରେ ଆସି ଧାମରା କ୍ଷତିଗ୍ରସ୍ତ ଅ ଳ ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟର ନିର୍ଦ୍ଦେଶକ ବିପୁଲ କୁମାର ଶ୍ରୀବାସ୍ତବ, ବି ମନ୍ତ୍ରାଳୟର ଯୁଗ୍ମ ନିର୍ଦ୍ଦେଶକ (ବ୍ୟୟ) ସୂରଜ କୁମାର ପ୍ରଧାନ ଓ ସଡକ ପରିବହନ ବିଭାଗର ନିର୍ବାହୀ ଯନ୍ତ୍ରୀ ଶାଶ୍ୱତ ମହାପାତ୍ର ଧାମରା ଠାରେ ହ୍ୟାଲିପ୍ୟାଡରେ ହେଲିକ୍ୟାପ୍ଟର ଯୋଗେ ଆସି ଉହ୍ଲାଇଥିଲେ। ସେମାନଙ୍କୁ ପ୍ରଥମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଡ. ଜ୍ଞାନ ଦାସ ସ୍ୱାଗତ କରିଥିଲେ। ଏହି କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ପ୍ରଥମେ ଧାମରା ବନ୍ଦର ଗେଟ ସମ୍ମୁଖରେ ଥିବା ୧୧ କେ.ଭି. ବିଦ୍ୟୁତ ସବ୍‌ଷ୍ଟେସନର ମରାମତି କାର୍ଯ୍ୟ ତଦାରଖ କରିଥିଲେ। ପରେ ଦୋସିଙ୍ଗା ପ ାୟତର ଅମରନଗର, ସାବିତ୍ରୀ ସରାଇ, ଜ୍ୟୋସ୍ନାମୟୀନଗର ଗ୍ରାମର ଘରଭଙ୍ଗା ଦେଖିଥିଲେ। ସେଠାରୁ ଜୟଦୁର୍ଗାପାଟଣା କିଆନାଳୀ ସ୍ଲୁଇସ୍ ଗେଟର ଅବସ୍ଥା, ଦୋସିଙ୍ଗା ପ ାୟତର ୩୩ କେ.ଭି.ଏ. ବିଦ୍ୟୁତ ଷ୍ଟ୍ରକ୍‌ଚର, ଜାଗୁଳା ପ ାୟତର ଜାଲିପାଇକସାହି ଗ୍ରାମ, ନରସିଂହପୁର ଛକଠାରେ ଆର୍.ଡି. ରାସ୍ତାର କ୍ଷୟକ୍ଷତି, ଓରାମାଳ ଗ୍ରାମର କ୍ଷତି, ବଳଭଦ୍ରପ୍ରସାଦ ଗ୍ରାମର ବିଦ୍ୟୁତ ଓ ଗୃହର କ୍ଷୟକ୍ଷତି ଅନୁଧ୍ୟନ କରିଥିଲେ। ପରେ ଡ. ଦାସଙ୍କ ଅଧ୍ୟକ୍ଷତାରେ ଧାମରା ବନ୍ଦର ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରାଯାଇଥିଲା। ଏହି ରିପୋର୍ଟରେ ଜନସାଧାରଣଙ୍କ ସମ୍ପତି ୨୬୭ କୋଟି ୨ଲକ୍ଷ ୮୮ହଜାର, ଘରଭଙ୍ଗା କ୍ଷତି ୩ କୋଟି ୨୨ ଲକ୍ଷ ୧୦ ହଜାର ୭ଶହ, ଚାଷ ୧ କୋଟି ୧ ଲକ୍ଷ ୭୦ ହଜାର ୮୮୦ଟଙ୍କା, ମତ୍ସ୍ୟ ୯୫ ଲକ୍ଷ ୫୯ ହଜାର୨୨୬ ଟଙ୍କାର କ୍ଷତି ଘଟିଛି ବୋଲି କୁହାଯାଇଛି। ପରେ ଏହି ପ୍ରତିନିଧି ଦଳ ଧାମରାର ବିଭିନ୍ନ କ୍ଷତିଗ୍ରସ୍ତ ଅ ଳ ଗସ୍ତ କରି କ୍ଷୟକ୍ଷତି ଦେଖିବା ସହ ବାଲିମୁଣ୍ଡା ପ ାୟତର ନନ୍ଦପାଟଣା, ବଡହାବେଳିସାହି, ବିଦେଇପୁର ପ ାୟତର ବିଭିନ୍ନ ଅ ଳ ପରିଦର୍ଶନ କରିଥିଲେ। ଏହି ଅବସରରେ କେନ୍ଦ୍ରୀୟ ଦଳ କ୍ଷତିଗ୍ରସ୍ତଙ୍କ ସହିତ ସେମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଗସ୍ତ ବେଳେ ଜିଲ୍ଲା ପ୍ରଶାସନର ଅତିରିକ୍ତ ଜିଲ୍ଲାପାଳ (ସା) ମଧୁସୂଦନ ଦାସ, ପିଡ଼ି ଇନ୍ଦ୍ରମଣି ନାୟକ, ଲାଇନ ଡିପାର୍ଟମେ ର ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମାଲକାନଗିରି ବିଜେଡି ଦଳୀୟ କାର୍ଯ୍ୟାଳୟ ଉଦଘାଟିତ

ମାଲକାନଗିରି : ମାଲକାନଗିରି ଜିଲ୍ଲା ସଦର ମହକୁମା ଜୟପୁରିଆଗୁଡା ସ୍ଥିତ ମୁଖ୍ୟ ରାସ୍ତାରେ ବିଜେଡି କାର୍ଯ୍ୟାଳୟ ପୂର୍ବତନ ମନ୍ତ୍ରୀ ତଥା ପର୍ଯ୍ୟବେକ୍ଷକ ଚନ୍ଦ୍ର ସାରଥୀ ବେହେରା ଆଜି ଉଦଘାଟନ କରିଛନ୍ତି।ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲା ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ପୂର୍ବତନ ବିଧାୟକ ତଥା ଏସ ଡି ସି ଅଧ୍ୟକ୍ଷ ମାନସ ମାଡକାମୀ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ, ବରିଷ୍ଠ ନେତା ରାଜେନ୍ଦ୍ର ପଣ୍ଡା, ଓକିଲ ସଂଘ ସଭାପତି ପ୍ରଭାକର ପ୍ରଧାନ, ଜିଲ୍ଲା ସାଂଗଠନିକ ସମ୍ପାଦକ, ନୃସିଂହ ଚରଣ ମହାନ୍ତି, ଜିଲ୍ଲା ବିଜୁ ଯୁବ ଜନତା ଦଳ, ସଭାପତି ଆଡମା ରାବା, ଜିଲା ଛାତ୍ର ଜନତା ଦଳ ସଭାପତି ତାପସ ରଞ୍ଜନ ନାୟକ ,ଯୁବ ନେତା ବଂଶୀ ମୁଦୁଲି, ମହେଶ ବାକା, ହୃଦାନନ୍ଦ ସାହୁ, ଜସେପ ଜେମ୍ସ, ବିଜୟ ବୁରୁଦା, ଶିବ ତ୍ରିପାଠୀ, କଂଟେଶ୍ୱର ପଟଲା, ମନୋଜ ପଟନାୟକ, ସୁନିଲ ସାହୁ, ବିନୋଦ ଦେଶୀଅନାୟକ, ରାଜୀବ ଲୋଚନ୍ ଶୀଶା, ଏ. ରାଜୁ ରାଓ, କେ. ରାହୁଲ ରାଓ, ଇନ୍ଦ୍ରଜିତ ରଥ, ସତ୍ୟଜୀତ ଗୌଡ଼, ବି. ବିଭୁତିଭୂଷଣ, ଗୌରବ ସଗୋଡ଼ିଆ, ମୁସ୍କାନ ଦେବନାଥ, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ସ୍ତରୀୟ ବରିଷ୍ଠ ସିପିଆଇ ନେତା ବ୍ରଜ ମାଝି ଓ କଂଗ୍ରେସ ର ଏସ ସତୀଶ ରାଓ ବିଜେଡି ରେ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମ କୋଭିଡ ଗାଇଡ଼ ଲାଇନ ଅନୁସାରେ ଆୟୋଜନ କରାଯାଇଥିଲା। ଶେଷରେ ପର୍ଯ୍ୟବେକ୍ଷକ ଚନ୍ଦ୍ର ସାରଥୀ ବେହେରା ଯୁବ ଛାତ୍ର ଓ ବିଜୁ ଜନତା ଦଳ କର୍ମ କର୍ତା ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ବର୍ତମାନ କରୋନା ର ଘଡି ସନ୍ଧି ମୁହୂର୍ତରେ ଜିଲ୍ଲାରେ ଯେଉଁମାନେ ଆକ୍ରାନ୍ତ ହୋଇ ଅସୁବିଧାର ସମ୍ମୁଖୀନ ହୋଉଛନ୍ତି ସେମାନଙ୍କୁ ଚିହ୍ନଟ କରି ଖାଦ୍ୟ ପାନୀୟ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ କହିଥିଲେ।

## ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି



ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

## ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପତି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କାର୍ତ୍ତିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ, ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା, ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ, ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ, ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

## ମୟୂରଭଞ୍ଜ: ଖସୁଛି କରୋନା ଗ୍ରାଫ

ବାରିପଦା: ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାଠାରୁ ଆରମ୍ଭ କରି ଗ୍ରାମାଂଚଳ ସର୍ବତ୍ର କରୋନା ମହାମାରୀ କାୟା ବିସ୍ତାର କରିଚାଲିଥିବା ବେଳେ ଜୁନ ୧ ତାରିଖଠାରୁ କରୋନା ଗ୍ରାଫ ଜିଲ୍ଲାରେ ତଳକୁ ଖସିବାରେ ଲାଗିଛି । ଗତ ମାର୍ଚ୍ଚ ମାସରେ ଜିଲ୍ଲାରୁ ୨୩୬ କରୋନା ପଜିଟିଭ ଚିହ୍ନଟ ହେବା ପରେ ଏପ୍ରିଲରେ ୨,୬୧୧ ଓ ମେ ମାସରେ ପୂର୍ବର ସମସ୍ତ ରେକର୍ଡ଼ ଭାଙ୍ଗି ୧୧,୦୩୦ ନୂଆ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ମେ ୩୦ରେ ରେକର୍ଡ଼ ସଂଖ୍ୟକ ୬୯୫ ଜଣ ଚିହ୍ନଟ ହୋଇଥିଲେ । ଏହି ସମୟରେ ଆଜି ଓଡ଼ିଶାରୁ ଚିହ୍ନଟ ହୋଇଥିବା ୬,୧୧୮ କରୋନା ପଜିଟିଭ କେଶ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ଗତ ୨୪ ଘଂଟା ମଧ୍ୟରେ ୩୫୨ ନୂଆ କରୋନା ପଜିଟିଭ ଚିହ୍ନଟ ହେବା ସାଙ୍ଗକୁ ଓଡ଼ିଶାରେ ପଂଚମ ସ୍ଥାନରେ ରହିଛି ଏବଂ ଜିଲ୍ଲାରେ ସଂକ୍ରମିତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୩୧,୦୭୭ରେ ପହଁଚିଛି । ସେହିପରି ଜୁନ ୬ ପର୍ଯ୍ୟନ୍ତ ଜିଲ୍ଲାରୁ ୮୫.୮୪ ପ୍ରତିଶତ ହାରରେ ୨୬,୬୭୬ ଜଣ ସୁସ୍ଥ ହୋଇ ଫେରିଥିବା ସମୟରେ ଆଜି ସୁଦ୍ଧା ୧୩.୮୨ ପ୍ରତିଶତ ହାରରେ ୪,୨୯୬ ଜଣ ସକ୍ରିୟ ଥାଇ ବାଙ୍କିଶୋଳ କୋଭିଡ଼ ହସପିଟାଲ, ପିଆରଏମ ମେଡ଼ିକାଲ ସ୍ଥିତ ସ୍ୱତନ୍ତ୍ର ୱାର୍ଡ଼, କୋଭିଡ଼ କେୟାର ସେଣ୍ଟର ଓ କଟକ-ଭୁବନେଶ୍ୱର ଆଦିରେ ଚିକିତ୍ସା ହେଉଛନ୍ତି । ସେହିପରି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି କରାଯାଇଥିବା ସୂଚନା ଆଧାରରେ ଆଜି ଜିଲ୍ଲାରୁ ୫୩ ଓ ୬୫ ବର୍ଷର ୨ ପୁରୁଷଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି ଏବଂ ଜିଲ୍ଲାରେ ୦.୩୩ ପ୍ରତିଶତ ହାରରେ ମୋଟ ୧୦୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟାନ୍ୟ କାରଣରୁ ୩ ଜଣଙ୍କର ଜୀବନ ଯାଇଥିବାର ଜଣାପଡ଼ିଛି।

## ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ



ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍‌ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ମର୍ଯ୍ୟାଦା ପୁରୁଷୋତ୍ତମ ରାମହିଁ ଥିଲେ ଉପେନ୍ଦ୍ର ଭଞ୍ଜଙ୍କର ମାର୍ଗଦର୍ଶକ



ଆମେ ଯଦି ଘୁମୁସର ଇତିହାସକୁ ଅନୁଧ୍ୟାନ କରିବା ତେବେ ରାମଚନ୍ଦ୍ରଙ୍କ ଭଳି ଉପେନ୍ଦ୍ରଙ୍କର ଯଜ୍ଞ ପ୍ରସାଦରୁ ଜନ୍ମ ବୋଲି ଉଲ୍ଲେଖ ଅଛି। ତାଙ୍କର ମାତା ଓ ମାତାମହୀ ଥିଲେ ଅତ୍ୟନ୍ତ ଧର୍ମପରାୟଣା। ସୁପୁତ୍ର ଜନ୍ମ ନିମନ୍ତେ ପିତାମହ ଧନଞ୍ଜୟ ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କରିଥିଲେ। ଉପେନ୍ଦ୍ରଙ୍କର ଜନ୍ମ ଜାତକରେ ମନର କାରକ ଚନ୍ଦ୍ର, ଦେବଗୁରୁ ବୃହସ୍ପତି ଓ ଦୈତ୍ୟଗୁରୁ ଶୁକ୍ରଙ୍କର ସ୍ଥାନ ଥିଲା ନବମ ଘରେ। ଯାହା ସନ୍ତାନ ବିଷ୍ଣୁଭକ୍ତ ହେବାର ଏକ ସୂଚନା। ଯୋଗବାରିଧି ଆୟୁର୍ବେଦ ଖଣ୍ଡ ଅନୁଯାୟୀ ଚନ୍ଦ୍ର, ଗୁରୁ ଓ ଶୁକ୍ର ପଂଚମ କିମ୍ବା ନବମରେ ଥିଲେ ବ୍ୟକ୍ତି ବିଷ୍ଣୁଲୋକରୁ ଆସି ଜନ୍ମଗ୍ରହଣ କରିଥାଏ। ବାଲ୍ୟକାଳରୁ ଉପେନ୍ଦ୍ର ନିଜ ମାତାମହୀଙ୍କଠୁ ପୁରାଣର କାହାଣୀମାନ ଶୁଣି ଈଶ୍ୱରଙ୍କ ପ୍ରତି ତାଙ୍କର ଅତୁଟ ଭକ୍ତିଭାବ ଉଦ୍ରେକ ହୋଇଥିଲା। ମାତ୍ର ୧୪ ବର୍ଷ ବୟସରେ ସେ ଇଷ୍ଟଦେବୀ ଦୁର୍ଗାଙ୍କୁ ମାତ୍ର ଛ ମାସ ଜପକରି ମନ୍ତ୍ରସିଦ୍ଧ ହୋଇଥିଲେ ଏବଂ କବିତ୍ୱର ଶକ୍ତି ପ୍ରାପ୍ତିଲାଗି ତାଙ୍କୁ ବର ପ୍ରର୍ଥନା କରି ସଫଳ ହୋଇଥିଲେ। ଘୁମୁସରର ଇତିହାସ ଅନୁଯାୟୀ ଉପେନ୍ଦ୍ର ଭଞ୍ଜ ଥିଲେ ତନ୍ତ୍ର ସିଦ୍ଧ। ଏବଂ ସେ ଶକ୍ତି ସହିତ ପରଂବ୍ରହ୍ମ ନାରାୟଣ ତଥା ଇଷ୍ଟ ରାମଚନ୍ଦ୍ରଙ୍କର ଅନନ୍ୟ ଭକ୍ତ ଥିଲେ। ପ୍ରତ୍ୟେହ ସେ ଅଶ୍ୱାରୋହଣ କରି ଓଡ଼ଗାଁ ରଘୁନାଥ ଜୀଉଙ୍କ ଦର୍ଶନ ନିମନ୍ତେ ଯାଉଥିଲେ। ବାଟରେ ସେ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ପାଇଲେ ଜଣେ ସାଧକ ଶବ ସାଧନା କରୁଛି। ଦେବୀ ଭୈରବୀ ରୂପରେ ଆବିର୍ଭୂତା ହୋଇଛନ୍ତି। ଦେବୀଙ୍କ ଦର୍ଶନରେ ସାଧକ ହୋଇଛି ମୂର୍ଚ୍ଛିତ। ଏହାର ସୁଯୋଗନେଇ ଉପେନ୍ଦ୍ର ଶବ ଉପରେ ବସିପଡ଼ି ଦେବୀଙ୍କୁ ବର ପ୍ରର୍ଥନା କଲେ ଏବଂ ଭୈରବୀଙ୍କ କୃପାରୁ ସେ ହୋଇଥିଲେ କବିତ୍ୱର ଅଧିକାରୀ। ଅନୁରୂପ ଏକ କିମ୍ବଦନ୍ତୀ ଅନୁଯାୟୀ ବ୍ୟାଘ୍ରଦେବୀଙ୍କ ନିକଟରେ ଜଣେ ସାଧକ ବ୍ରାହ୍ମଣକୁ ବଳିଦେଇ ସେ କବିତ୍ୱ ଶକ୍ତି ପ୍ରାପ୍ତ ହୋଇଥିଲେ। ଏ କିମ୍ବଦନ୍ତୀର ସତ୍ୟତା ସନ୍ଦିହୀନ ମାତ୍ର ବାଲ୍ୟକାଳ ଓ କିଶୋର ଅବସ୍ଥାରେ ଉପେନ୍ଦ୍ର ଦୁର୍ଗା ଓ ବ୍ୟାଘ୍ରଦେବୀଙ୍କର ଭକ୍ତ ଥିଲେ, ଏଥିରେ କୌଣସି ଦ୍ୱିମତ ନାହିଁ।

ଭଞ୍ଜପ୍ରତିଭାର ସ୍ଫୁରଣରେ ଶକ୍ତିର ପ୍ରସନ୍ନତା ମହତ୍ୱପୂର୍ଣ୍ଣ। ମାତ୍ର ଏହାର ବିକାଶ ଓ ସିଦ୍ଧିରେ ରାମଚନ୍ଦ୍ରଙ୍କର ଆଶିର୍ବାଦ ଓ ମାର୍ଗଦର୍ଶନ କାର୍ଯ୍ୟ କରିଛି। ସ୍ୱୟଂ ନିଜେ ଉପେନ୍ଦ୍ର ନିଜର ପ୍ରତିଟି କାବ୍ୟରେ ଏହା ସ୍ୱୀକାର କରିଛନ୍ତି। ସେ ସଦାସର୍ବଦା ପ୍ରଭୂ ରାମଚନ୍ଦ୍ରଙ୍କର ମହିମା ଓ ମହତ୍ୱ ବର୍ଣ୍ଣନାରେ ଶତମୁଖ। କୈଶ୍ୱର ଅବସ୍ଥାରେ ରାମତାରକା ମନ୍ତ୍ର ସିଦ୍ଧି ଲାଗି ସେ ରାଜଗୁରୁଙ୍କ ଦ୍ୱାର ଉପବିଷ୍ଟ ହୋଇଥିଲେ। ନିଜର ଉଦ୍ଦେଶ୍ୟକୁ ସାକାର କରିବା ନିମିତ ସେ ଅନେକ ରାମପୀଠ ଭ୍ରମଣ କରିଥିଲେ ମଧ ନୟାଗଡ଼ ମାଳୀସାହି ଥିଲା ତାଙ୍କ ରାମ ସାଧନାର କେନ୍ଦ୍ର। ସେଠାରେ ଏବେବି ଏକ ରାମ ମନ୍ଦିର ଓ ଶିବ ମନ୍ଦିର ବିଦ୍ୟମାନ। ଶିବ ହେଉଛନ୍ତି ରାମତାରକ ମନ୍ତ୍ରର ପ୍ରବର୍ତକ। ଉପେନ୍ଦ୍ରଙ୍କ କାବ୍ୟରେ ରାମଙ୍କ ସହିତ ଶିବଙ୍କୁ ବହୁବାର ପ୍ରାର୍ଥନା କରାଯାଇଛି। ଘୁମୁସର ଇତିହାସ ଅନୁଯାୟୀ ଉପେନ୍ଦ୍ର ଓଡ଼ଗାଁର ରଘୁନାଥଙ୍କ ପ୍ରତିଷ୍ଠିତା। ଆଜି ମଧ୍ୟ ପୁରୀର କଣ୍ଡେଇବେଂଟ ସାହିରେ ପ୍ରତିଷ୍ଠିତ ଏକ ମଠର ନାମ ଘୁମୁସର ମଠ। ଯେଉଁଠାରେ ସୀତାରାମଙ୍କ ମୂର୍ତୀ ପୂଜା ପାଉଛନ୍ତି। ଉପେନ୍ଦ୍ର ନିଜର ଶ୍ରୀକ୍ଷେତ୍ର ଆଗମନ କାଳରେ ସୀତାରାମଙ୍କୁ ଆରଧନା କରୁଥିଲେ।

ପୈତୃକ ପରମ୍ପରାନୁସାରେ ଉପେନ୍ଦ୍ର ଥିଲେ ବୈଷ୍ଣବ। ତାଙ୍କ ସମୟକୁ କୃଷ୍ଣପ୍ରେମ ଧର୍ମ ସହିତ ଚୈତନ୍ୟଙ୍କର ଆବିର୍ଭାବ ଘଟିସାରିଥିଲା। ରାମାନୁଜ ଭକ୍ତି ଧର୍ମ ତାର ବିଚିତ୍ର ସ୍ୱରୁପଟିକୁ ନେଇ ଓଡ଼ିଶାରେ ବହୁଳ ପ୍ରସାରିତ ହୋଇଥିଲା। ଚୈତନ୍ୟଙ୍କ ପରକୀୟା ପ୍ରୀତିର ଉଦାହରଣ ଉପେନ୍ଦ୍ରଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା। ରତି ଓ ପ୍ରୀତିର କାବ୍ୟକାର ହୋଇ ମଧ ସାମାଜିକ ଉତ୍ସୃଙ୍ଖଳାତାକୁ ସେ ପ୍ରଶୟ ଦେଇ ନ ଥିଲେ। ସ୍ୱକୀୟା ପ୍ରୀତି ଓ ଏକ ପତ୍ନୀବ୍ରତାର କଠୋର ପରିଧି ଉପେନ୍ଦ୍ର ଲଙ୍ଘନ କରିନାହାନ୍ତି। ଉପେନ୍ଦ୍ର ଥିଲେ ଶକ୍ତି ଓ ରାମଙ୍କର ପରମ ଭକ୍ତ। ଯଦିଓ ରାମଚନ୍ଦ୍ର ତାଙ୍କର ଇଷ୍ଟ ଓ ମାର୍ଗଦର୍ଶକ ଥିଲେ ମାତ୍ର ହିନ୍ଦୁ ଧର୍ମର ଅନ୍ୟାନ୍ୟ ଦେବ ଦେବୀଙ୍କ ପ୍ରତି ତାଙ୍କର ଥିଲା ଯଥୋଚିତ ସମ୍ମାନ। ସେ ତାଙ୍କ କବିତା ବୃତିରେ ଦୁର୍ଗା, ରାମ, ବିଷ୍ଣୁ, ଶିବ, କୃଷ୍ଣ, ଜଗନ୍ନାଥ ବିବିଧ ଅବତାରମାନଙ୍କୁ ସମ୍ମାନିତ କରିଛନ୍ତି।

ରାମଚନ୍ଦ୍ରଙ୍କୁ ତାଙ୍କର କବି ପ୍ରେରଣାର ଉତ୍ସ ଭାବରେ ବର୍ଣ୍ଣନା କରି ସେ "ଲାବଣ୍ୟବତୀ" କାବ୍ୟରେ ଲେଖିଛନ୍ତି "ରାମ ତାରକ ପରସାଦେ - ମୋହର କବିପଣ ଉଦେ" ଏଥିପାଇଁ ବୋଧ ହୁଏ ସେ ପ୍ରଥମେ ୮ ଅନୁପ୍ରାସରେ "ବୈଦେହୀଶ ବିଳାଶ" କାବ୍ୟ ରଚନା କରିଥିଲେ। ଏହି କାବ୍ୟକୁ ନେଇ ଏକ ରୋଚକ କଥା ଆସିଥାଏ। ପିଲାବେଳେ ଉପେନ୍ଦ୍ର ଗୋଟିଏ କବିତା ଲେଖି ନିଜ ପିତୃଙ୍କ ଧନଞ୍ଜୟ ଭଞ୍ଜଙ୍କୁ ଦେଖାଇବା ବେଳେ ସେ ହେୟ ଜ୍ଞାନ ପୂର୍ବକ କହିଥିଲେ କି କବିତା ଲେଖିଛୁବ ? ପାଠକେ 'ବ' ହେଉଛି ଗୋଟି ନିରର୍ଥକ ବୋଧକ ଅକ୍ଷର। ସେହିଦିନ ଉପେନ୍ଦ୍ର କହିଲେ ଅଜା ଯେଉଁଟାକୁ ନିରର୍ଥକ ଓ ହେୟ ମନେକଲ, ସେଇ 'ବ' ଅନୁପ୍ରାସରେ କାବ୍ୟ ରଚନା କରିବି ଓ "ବୈଦେହୀଶ ବିଳାଶ" ଆଜି କାବ୍ୟ ଜଗତର ଏକ ମହାନକାବ୍ୟ। ରାମଚନ୍ଦ୍ରଙ୍କ ଭାବନା ଓ ଭକ୍ତି ତାଙ୍କର ସମସ୍ତ କାବ୍ୟରେ ବିକ୍ଷିପ୍ତ ଭାବରେ ରହିଛି। ରାମ ଓ ବିଷ୍ଣୁଙ୍କ ମଧରେ ସେ କୌଣସି ତାରତମ୍ୟ ଦେଖି ନାହାନ୍ତି। ଯାହାର ନିମ୍ନୋକ୍ତି ଉଦାହରଣରୁ ସ୍ପଷ୍ଟ ଅନୁମେୟ।

*"କହେ ଉପଇନ୍ଦ୍ର ମୋ ପ୍ରଭୂ ଶ୍ରୀରାମ ବୈକୁଣ୍ଠନାଥ ସାକ୍ଷାତ। ଜାତକଲେ କ୍ଷୀରାର୍ଣ୍ଣବୁ ସୁଧା ମୋର/ଜୀରାର୍ଣ୍ଣକୁ ରସ ଗୀତ, ସେତ।"*

ଠିକ୍ ଲାବଣ୍ୟବତୀରେ ସେ ଲେଖିଛନ୍ତି "ଜୟ ଜୟ ଜୟରାମ ଜନକ ସୁଖଦ, ଭୀମ ହରଷ ଦାନରେ ସଦା ବିଶାରଦ"। ଠିକ୍ ସେପରି 'ତତୈକ' କାବ୍ୟରେ "ହରିତାସ୍ୱର ସର୍ବଦା ଅଙ୍କହୀନ ସେହି, ରାଘବ ଶିବ ବିଧିରେ ଉପଇନ୍ଦ୍ର ଧ୍ୟାୟୀ ଯେ"। କେବଳ ରାମଚନ୍ଦ୍ର ତାଙ୍କର ଇଷ୍ଟ ଥିଲେ ତାହା ନୁହେଁ ଏଥି ସହିତ ମଧ ସେ ସୀତା, ଲକ୍ଷ୍ମଣ, ଭରତ, ଶତୃଘ୍ନ, ଓ ହନୁମାନଙ୍କୁ ମଧ ସେ ବନ୍ଦନା କରିଛନ୍ତି। ସେ ସୀତାରାମଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ଏବଂ କସ୍ମିନ୍‌କାଳେ ତାଙ୍କର ହୃଦୟ କନ୍ଦରରୁ ଅନ୍ତର ନ ହେବା ଲାଗି ସୀତାରାମଙ୍କୁ ଆବେଦନ ଜଣାଇ "ଲାବଣ୍ୟବତୀ" କାବ୍ୟରେ ସେ ଲେଖିଛନ୍ତି - *"କହି କବି ଭଞ୍ଜ ବୀରବର ଦିବ୍ୟରସ/ ଆହେରାମ ଅବିଘ୍ନେ ଏ ଗୀତକର ଶେଷ। ସୀତା ସହିତେ ମୋ ଚିତ୍ତୁ ନୋହିବ ଅନ୍ତର/ଏହି ଅଭିଷ୍ଟକୁ କରିଅଛି ନିରନ୍ତର ହେ।"*

"ଅବନା ରସ ତରଙ୍ଗରେ" ସେ ଯୁଗ ଯୁଗ ଧରି ତାଙ୍କ ପାଦରେ ସ୍ଥାନ ଲଭିବାକୁ ଲେଖିଛନ୍ତି "ଉପଇନ୍ଦ୍ର ଭଞ୍ଜର ସହସ୍ର ଦଣ୍ଡବତ୍, ଜନମ ଜନମ କର ତବର ଭକତ"। ଉପରୋକ୍ତ ଆଲୋଚନାରୁ ଏହା ଅନୁମେୟ ହୁଏ ଯେ ରାମଚନ୍ଦ୍ର ଥିଲେ ତାଙ୍କର ଆଧ୍ୟାତ୍ମିକ ଭାବନାର କେନ୍ଦ୍ରବିନ୍ଦୁ। ଆଜି ପବିତ୍ର ରାମ ନବମୀରେ ମୋର ଇଷ୍ଟ ତଥା ଉପେନ୍ଦ୍ରଙ୍କର ଇଷ୍ଟ ତଥା ମାର୍ଗଦର୍ଶକ ପ୍ରଭୂ ରାଜୀବ ଲୋଚନ ସମାଜର ମଙ୍ଗଳ ବିଧାନ କରିବାସହ ସମସ୍ତିଙ୍କୁ ସୁଖ ସମୃଦ୍ଧି ପ୍ରଦାନ କରନ୍ତୁ। ଏହା ହିଁ କାମନା।

**ଉମାଶଙ୍କର ପ୍ରସାଦ, ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ, ମେନ୍ ରୋଡ୍, ଖୋର୍ଦ୍ଧା।**




## ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ

ବାଲେଶ୍ୱର (ପିଏନ୍): ବିଶ୍ୱ ହିନ୍ଦୁ ପରିଷଦ ବାଲେଶ୍ୱର ନଗର ଶାଖା ପକ୍ଷରୁ ସ୍ଥାନୀୟ ଆୟୁଷ୍ମାନ ମଣ୍ଡପ ପରିସରରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଶିଷ୍ଟ ଆଧ୍ୟାତ୍ମିକ ସନ୍ଥ ଅବଧୁତ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନର ଆଭିମୁଖ୍ୟ ଓ ମାନବ ଜୀବନରେ ଏହି ଦିନର ମହତ୍ୱ ସମ୍ପର୍କରେ ସେ ଆଲୋଚନା କରିଥିଲେ। ବିଶିଷ୍ଟ ସାହିତ୍ୟିକ ଡକ୍ଟର ରମାକାନ୍ତ ବେହେରା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାନ ଭାରତୀୟ ସଂସ୍କୃତିରେ ମହାବିଷୁବ ସଂକ୍ରାନ୍ତି ପାଳନର ଯଥାର୍ଥତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଦିନଠାରୁ ବ୍ରହ୍ମାଣ୍ଡର ସୃଷ୍ଟିକର୍ତା ବ୍ରହ୍ମାଙ୍କ କାଳ ଗଣନା ଆରମ୍ଭ ହୋଇଥିବା ବେଳେ ଏହି ଦିନଠାରୁ କଳି ଯୁଗାବ୍ଦ ହିସାବ ଶୁଭାରମ୍ଭ ହୋଇଥାଏ ବୋଲି ସେ କହିଥିଲେ । ବିଶ୍ୱହିନ୍ଦୁ ପରିଷଦର ନଗର ସଭାପତି ଆଲୋକ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସଞ୍ଜୟ ମହାପାତ୍ର ମଂଚ ପରିଚାଳନା କରିଥିଲେ।

## ନିଶ୍ଚିନ୍ତକୋଇଲିରେ 'ଭୂମି ସୁପୋଷଣ ଓ ସଂରକ୍ଷଣ' କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି (ପିଏନ୍): ନିଶ୍ଚିନ୍ତକୋଇଲି ବ୍ଲକ ଉତରକୂଳ ଗ୍ରାମପଂଚାୟତ ମେହେନ୍ଦିପୁର ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ତରଫରୁ ପ୍ରକୃତି ପୂଜନ ଓ କୃଷକ ସଚେତନତା କାର୍ଯ୍ୟକ୍ରମ ସହିତ "ଭୂମି ସୁପୋଷଣ ଓ ସଂରକ୍ଷଣ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ଖଣ୍ଡ ଗ୍ରାମବିକାଶ ପ୍ରମୁଖ ପ୍ରଦିପ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ କଟକ ବିଭାଗର ସହବିଭାଗ ସଙ୍ଘଚାଳକ ଡ. ଗୌତମ ମହାରଣା ଯୋଗଦେଇ ସମ୍ପ୍ରତି କୃଷିକ୍ଷେତ୍ରରେ ରାସାୟନିକ ସାର, କୀଟନାଶକ ଔଷଧ ଓ ହରମୋନ ବ୍ୟବହାର ଫଳରେ ମୃତିକା ନଷ୍ଟ ହେବା ସହ ଉପାର୍ଜିତ ଖାଦ୍ୟ ଶସ୍ୟ ବିଷାକ୍ତ ହେଉଥିବାରୁ ଜୈବିକ ପ୍ରଣାଳୀରେ ଚାଷ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ କଟକ ଜିଲ୍ଲାର ସହ କାର୍ଯ୍ୟବାହ ଲଳିତ ମୋହନ ପ୍ରଧାନ, ନିଶ୍ଚିନ୍ତକୋଇଲି ଖଣ୍ଡ ବ୍ୟବସ୍ଥା ପ୍ରମୁଖ ରଞ୍ଜନ କୁମାର ଦାସ ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଗୋପୂଜା, ବୃକ୍ଷପୂଜା, ମୃତିକା ପୂଜା କରାଯାଇଥିଲା। ଅଯୋଧ୍ୟାରୁ ଆସିଥିବା ପବିତ୍ର ମୃତିକାକୁ ସମସ୍ତ ଜନ ସାଧାରଣଙ୍କ କ୍ଷେତରେ ପକାଇବା ପାଇଁ ବଂଟନ କରାଯାଇଥିଲା।

## 'ଆହ୍ୱାନ' ପକ୍ଷରୁ ପଣାସଂକ୍ରାନ୍ତି ଅବସରରେ ଜଳଛତ୍ର କାର୍ଯ୍ୟକ୍ରମ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣି ନାଟ୍ୟ ସଂସ୍ଥା ଆହ୍ୱାନ ପକ୍ଷରୁ ପଣା ସଂକ୍ରାନ୍ତି ଦିବସରେ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଆହ୍ୱାନ ସଭ୍ୟମାନଙ୍କ ଦ୍ୱାରା ଜଳଛତ୍ର କାର୍ଯ୍ୟକ୍ରମ ଗୋଖନା ବଜାର ଛକରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ଫିତା କାଟି ଉଦଘାଟନ କରିଥିଲେ। ସନ୍ଧ୍ୟା ସମୟରେ ମହା ବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ଏକ ଆଲୋଚନାଚକ୍ର ସମାଜସେବୀ ପାଣ୍ଡବ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ଅଧ୍ୟାପକ ଅଶିତ୍ କୁମାର ମହାନ୍ତି ଯୋଗଦେଇ ଏହା ଓଡ଼ିଆମାନଙ୍କର ନୂତନ ବର୍ଷ ତଥା ହନୁମାନ ଜୟନ୍ତୀ ଏହି ଦିନଟି ଓଡ଼ିଆମାନଙ୍କର ଗର୍ବ ଓ ଗୌରବର ଦିନ ବୋଲି ଉଦ୍‌ବୋଧନ ଦେଇଥିଲେ। ଉକ୍ତ ଅନୁଷ୍ଠାନ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ପୁରସ୍କାର ଦେବା ସମୟରେ ଉପସ୍ଥିତ ନଥିବାରୁ ଭଦ୍ରକର ଝରିଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କର ଉକ୍ତ ଦିନରେ ପ୍ରଦାନ କରାଯାଇଥିଲା ଓ ଦୁଇଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ବିଶ୍ୱଜିତ ସାହୁ ପରିଚାଳନା କରିଥିଲେ। ଦିଲ୍ଲୀପ କୁମାର ଦାସ, ଶ୍ରୀକାନ୍ତ ଜେନା, ତିଳୋତମା ଜେନା, ରୀତା ରାଉତ, ଜ୍ୟୋସ୍ନାରାଣୀ ମହାପାତ୍ର, ନଟବର ଜେନା, ବବିତା ମିଶ୍ର, ଜିତେନ୍ଦ୍ର ବେହେରା, ଜୟଦେବ ରାଉତ, ରାଜେଶ୍ୱର ସ୍ୱାଇଁ, ଗୋପାଳ ଚରଣ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ସମାପନ ପରେ ସଭ୍ୟମାନ ପଣା ସେବନ କରିଥିଲେ। ସର୍ବଶେଷରେ ଅକ୍ଷୟ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଚର ଜମିରେ ଅଙ୍ଗନୱାଡି ଗୃହ ନିର୍ମାଣ ବିରୋଧରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): ଗୋଚର ଜମିରେ ଶ୍ମଶାନ ନିକଟରେ ଅଙ୍ଗନୱାଡି ଗୃହ ନିର୍ମାଣ ହେଉଥିବା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । କେନ୍ଦ୍ରାପଡା ଜିଲ୍ଲାର ଡେରାବିଶି ବ୍ଲକ ଅନ୍ତର୍ଗତ ନରସିଂହପୁର ଗ୍ରାମପଞ୍ଚାୟତର ବେଲରପା ଗ୍ରାମର ଅଧିବାସୀମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ ସେହି ଗ୍ରାମର ଜନସଂଖ୍ୟା ୧୫ଶହ ହୋଇଥିବା ବେଳେ ଗ୍ରାମର ଅଧିବାସୀମାନେ ମୁଖ୍ୟତଃ ଚାଷ ଓ ଗୋପାଳନ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି । ସେହି ଗ୍ରାମରେ ଆବଶ୍ୟକତା ଠାରୁ କମ ଗୋଚରଜମି ରହିଛି । ସେହିଜମି ଗୋରୁଙ୍କ ଚାରଣ ଭୂମି ଓ ମୃତକଙ୍କ ଶବଦାହ ପାଇଁ ବ୍ୟବହୃତ ହେଉଛି । ଗ୍ରାମର ବିଦ୍ୟାଳୟ ନିକଟରେ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ଜମି ଥିଲେ ମଧ ସେଠାରେ ଅଙ୍ଗନୱାଡି ଗୃହ ନିର୍ମାଣ କରାନଯାଇ ଗୋଚର ଜମିରେ କରିବା ପାଇଁ କେତେକ ଖଳ ପ୍ରକୃତିର ଲୋକ ଚକ୍ରାନ୍ତ ଚଳାଇଥିବା ଅଭିଯୋଗ ହୋଇଛି । ସେହି ଶ୍ମସାନରେ ବିଷଧର ସର୍ପଙ୍କ ସମେତ ବହୁ ହିଂସ୍ରଯନ୍ତୁ ରହୁଥିବାରୁ ସେଠାରେ ଅଙ୍ଗନୱାଡି ଗୃହ ନିର୍ମାଣ ହେଲେ ଏହା ଭବିଷ୍ୟତରେ ଛୋଟ ଛୋଟ ପିଲାମାନଙ୍କ ଜୀବନ ପାଇଁ ବିପଦର କାରଣ ହେବ । ତେଣୁ ସେହି ଗୋଚର ଜମିରେ ଅଙ୍ଗନୱାଡି ଗୃହ ନିର୍ମାଣ କରାନଯାଇ ବିଦ୍ୟାଳୟ ପରିସରରେ କରାଯିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ମାନସ ରାଉତ, ନଳିନୀକାନ୍ତ ସିଂ, ସୌଭାଗ୍ୟଲକ୍ଷ୍ମୀ ମିଶ୍ର, ଚିତ୍ରସେନ ରାଉତ, ବନ୍ଦନା ସାମଲ, ଦିବ୍ୟଲୋଚନ ମିଶ୍ର ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି

# କେନ୍ଦ୍ରାପଡାରେ ମାସ୍କ ଚେକିଂ କଡାକଡି, ଅମାନିଆଙ୍କୁ ଜୋରିମାନା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଓ ଟାଉନ ଥାନା ପୋଲିସର ମିଳିତ ସହଯୋଗରେ ସହରର ବିଭିନ୍ନ ସ୍ଥାନରେ ମାସ୍କ ଚେକିଂକୁ କଡାକଡି କରାଯିବା ସହିତ ଜନସାଧାରଣଙ୍କୁ କୋଭିଡ ସମ୍ପର୍କରେ ସଚେତନତା କରାଯିବା ସହ ମାସ୍କ ବଣ୍ଟନ କରାଯାଇଛି । ଏଥିସହିତ ଅମାନିଆଙ୍କ ଠାରୁ ଜୋରିମାନା ମଧ ଆଦାୟ ହୋଇଛି । କୋଭିଡ ସଂକ୍ରମଣର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସଂକ୍ରମଣ ରୋକିବାକୁ ୧୪ଦିନିଆ ମାସ୍କ ଅଭିଯାନ ଚଳାଇବାକୁ ଆହ୍ୱାନ ଦେଇଥିବା ବେଳେ ମାସ୍କ ନପିନ୍ଧିଲେ ଦୁଇଗୁଣା ଜୋରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।। କେନ୍ଦ୍ରାପଡା ସହରର ପୁରୁଣାବସଷ୍ଟାଣ୍ଡ, ସାନ୍ତସାହି, ନୂଆବସଷ୍ଟାଣ୍ଡ, ମଡିଆଳ, ତିନିମୁହାଣିଛକ ପ୍ରଭୃତି ସ୍ଥାନରେ ମାସ୍କ ଚେକିଂକୁ କଡାକଡି କରାଯିବା ସହ ମାସ୍କ ପିନ୍ଧି ନଥିବା ଅମାନିଆମାନଙ୍କ ଠାରୁ ୨ହଜାର ଟଙ୍କା ଲେଖାଁଏ ଜୋରିମାନା ଆଦାୟ କରାଯାଇଛି । ଏହି ମାସ୍କ ଚେକିଂ, ସଚେତନତା ଓ ମାସ୍କ ବଣ୍ଟନ ସମୟରେ ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସୌମ୍ୟରଞ୍ଜନ ଜାଲି,ଟାଉନ ସର୍କଲ ରାଜସ୍ୱ ନିରୀକ୍ଷକ ବିଶ୍ୱବିଜୟୀ ପରିଡା, ଉପଜିଲ୍ଲାପାଳଙ୍କ ଷ୍ଟାଫ ଦିବ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଟାଉନ ଥାନା ପୋଲିସ ପକ୍ଷରୁ ମାସ୍କ ପିନ୍ଧି ନଥିବା ଅମାନିଆଙ୍କ ଠାରୁ ୨୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ୨୦ହଜାର ୭ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି।

## ପଛୁଆବର୍ଗଙ୍କ ସାମାଜିକ ଶିକ୍ଷାଗତ ସ୍ଥିତି ସର୍ଭେ ପାଇଁ ତାଲିମ



କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ପଛୁଆବର୍ଗ ଲୋକମାନଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲାର ବ୍ଲକ ଓ ପୌରାଞ୍ଚଳ ସ୍ତରୀୟ ପ୍ରଶିକ୍ଷକମାନଙ୍କୁ ତାଲିମ ପ୍ରଦାନ ପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ରାଜ୍ୟ ପଛୁଆବର୍ଗ କମିଶନ ଆସନ୍ତା ମଇମାସ ୧ତାରିଖରୁ ୨୫ତାରିଖ ମଧ୍ୟରେ ରାଜ୍ୟରେ ବାସ କରୁଥିବା ପଛୁଆବର୍ଗର ଲୋକମାନଙ୍କ ସର୍ଭେ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହି ଅନୁଯାଇ ରାଜ୍ୟ ସ୍ତରରୁ ତାଲିମ ନେଇ ଆସିଥିବା ଜିଲ୍ଲା ସ୍ତରୀୟ ପ୍ରଶିକ୍ଷକଙ୍କ ଦ୍ୱାରା ବ୍ଲକ ଓ ପୌରାଞ୍ଚଳ ସ୍ତରୀୟ ପ୍ରଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଏହି ଶିବିରକୁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଉଦଘାଟନ କରି ନିର୍ଭୁଲ ସର୍ଭେ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ଦିଲିପ କୁମାର ପରିଡା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ) ମନ୍ଦରଧର ମାହାଳିକ ପ୍ରମୁଖ ଯୋଗଦେଇ ସର୍ଭେର ଲକ୍ଷ୍ୟ, କାର୍ଯ୍ୟକାରିତା ପ୍ରଭୃତି ସମ୍ପର୍କରେ ବହୁମୂଲ୍ୟ ପରାମର୍ଶ ଦେଇଥିଲେ। ଜିଲ୍ଲାର ମୁଖ୍ୟ ତାଲିମ ପ୍ରଦାମନକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ସହ ଅନ୍ୟତମ ପ୍ରଶିକ୍ଷକ କେନ୍ଦ୍ରାପଡା ବ୍ଲକର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ବେହେରା ପ୍ରଶିକ୍ଷ୍ୟାର୍ଥିମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଆସନ୍ତା ମଇମାସ ୨୦ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ୨୮ ତାରିଖ ମଧ୍ୟରେ ୨ୟ ପର୍ଯ୍ୟାୟ ଏନୁମରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି । ଏହି ତାଲିମ ଶିବିରରେ ବିଡିଓ, ଏବିଡିଓ, ତହସିଲଦାର ଓ ସିଡିପିଓମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।

## ହନୁମାନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ



କେନ୍ଦ୍ରାପଡ଼ା (ପିଏନ୍): ପବିତ୍ର ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ ନୂତନ ହନୁମାନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପଂଚାୟତର ଦେପୁର ଗ୍ରାମରେ ଅନୁଷ୍ଠିତ ଏହି ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ମହିଳାମାନଙ୍କ ଦ୍ୱାରା ଗୋବରୀ ନଦୀର ବରୁଣାଇ ଘାଟରୁ ୧୦୮ କଳସ ଶୋଭାଯାତ୍ରା ସହିତ ସୂର୍ଯ୍ୟପୂଜା ନୂତନ ବିଗ୍ରହ ସ୍ଥାପନ, ହୋମଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମଧୁସୁଦନ ରାଉତ, ସରୋଜକାନ୍ତ ବେହେରା, ହେମନ୍ତ ବେହେରା, ନକୁଳ ରାଉତ, ପ୍ରଫୁଲ ବେହେରା, ଡଃ. ଉପେନ୍ଦ୍ର ନାଥ ପ୍ରଧାନ, ସଂପଦ କୁମାର ସାମଲ, ପୁର୍ଣ୍ଣଚନ୍ଦ୍ର ପତି, ଦିବାକର ପ୍ରଧାନ, ନିହାର ରଞ୍ଜନ ପ୍ରଧାନ, ବସନ୍ତ କୁମାର ରାଉତ ପ୍ରମୁଖଙ୍କ ସହ ଗ୍ରାମବାସୀମାନେ ସହଯୋଗ କରିଥିଲେ। ଆଖପାଖ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଏହି ଉତ୍ସବରେ ଯୋଗଦେଇ ହନୁମାନଙ୍କର ଆଶିର୍ବାଦ ଲାଭ କରିଥିଲେ। ଏହି ସବୁ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା ।

## ଅଜିତଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସର ଶୋକ

ରାଉରକେଲା (ପିଏନ୍): ବନ୍ଧମୁଣ୍ଡା ୧୦ ନମ୍ବର ବ୍ଲକ୍ କଂଗ୍ରେସର ପୂର୍ବତନ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଅଜିତ ଶାହା (ଜିଲା)ଙ୍କ ଅକାଳ ବିୟୋଗରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ଏକ ଶୋକବାର୍ତ୍ତାରେ ଜିଲ୍ଲା କଂଗ୍ରେସ ସଭାପତି ତଥା ପ୍ରାକ୍ତନ ବିଧାୟକ ଜର୍ଜ ତିର୍କୀ କହିଛନ୍ତି ଯେ, ସ୍ୱର୍ଗତ ଅଜିତ ଶାହା କଂଗ୍ରେସ ଦଳରେ ଦୀର୍ଘବର୍ଷ ଧରି ନିଷ୍ଠାର ସହିତ କାମ କରି ଦଳ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ବନ୍ଧମୁଣ୍ଡା ଅଞ୍ଚଳରେ ସାଧାରଣ ଲୋକଙ୍କ ସୁଖଦୁଃଖରେ ସର୍ବଦା ସାମିଲ୍ ହୋଇ ସବୁଶ୍ରେଣୀର ଲୋକମାନଙ୍କର ବେଶ୍ ପ୍ରିୟ ହୋଇ ପାରିଥିଲେ। ତାଙ୍କର ଅକାଳ ବିୟୋଗ ବନ୍ଧମୁଣ୍ଡା ଅଞ୍ଚଳ ସମେତ କଂଗ୍ରେସ ପରିବାର ପାଇଁ ଏକ ବିଶେଷ କ୍ଷତି ବୋଲି ଶ୍ରୀ ତିର୍କୀ ଉଲ୍ଲେଖ କରି ଏହି ଅସମୟରେ ଈଶ୍ୱର ତାଙ୍କ ପରିବାରକୁ ସହାୟ ହେବାକୁ ପ୍ରାର୍ଥନା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି, ରଘୁନାଥପାଲ୍ଲି କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ, ପ୍ରଭାତୀ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ସବୀର ହୁସେନ, ଗଣେଶ ପ୍ରଧାନ, ସୁଦନ ତନ୍ତୀ, ବନ୍ଧମୁଣ୍ଡା ବ୍ଲକ୍ କଂଗ୍ରେସ ସଭାପତି ରାଜେନ୍ଦ୍ର ରଜାକ, ବନ୍ଧମୁଣ୍ଡା କଂଗ୍ରେସ ନେତା ସୁନୀଲ ସିଂହ, ରାଜେନ୍ଦ୍ର ଶର୍ମା, ଶଙ୍କର ଅଗ୍ରୱାଲ, ନରେନ୍ଦ୍ର ବର୍ମା, ଶୋଭା ସିଂହ, ଗୀତା ସାହୁ, ବିର୍‌ସା ମୁଣ୍ଡା, ପୀତାମ୍ବର ପଣ୍ଡା, କୁନା ମିଶ୍ର, ଫିଲିସିତା ଚାରୁଆ, ମହେଶ୍ୱର ତନ୍ତୀ, କୁଅଁରସିଂହ ପିୟୁ, ବାବୁ ମଲ୍ଲିକ, ଅନୀଲ ପାତ୍ର, ଏମ୍‌ଡି ଇରଫାନ, ଏଚ୍.ଆର୍. ପାଣି, ସରଦେଶ ସିଂହ, ଓବିସି ଅଧକ୍ଷ କୈଳାସ ସାହୁ, ଇନ୍‌ଟକ ଅଧକ୍ଷ ନିହାର ଦାସ, ସେବାଦଳ ଅଧକ୍ଷ ବିନୋଦ ରାଉତ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଦାସ, ଏସ୍‌ସି ସେଲ୍ ଅଧକ୍ଷ ବିନୋଦ ତନ୍ତୀ, କୃଷକ କଂଗ୍ରେସର ଜିଲ୍ଲା ଅଧକ୍ଷ ଚକ୍ରଧର ମାହାତୋ, କୃଷକ କଂଗ୍ରେସ ରାଉରକେଲା ଅଧକ୍ଷ ମନମୋହନ ଓରାମ, ମହିଳା ସଭାନେତ୍ରୀ ଲତା ନାୟକ, କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାର ସିଂ, ଲିଗାଲ ସେଲ ଅଧକ୍ଷ ତଥା ଆଇନ୍‌ଜୀବୀ ବିସ୍ମୟ ଦାସ, ଏସ୍‌ଟି ସେଲ୍ ଅଧକ୍ଷ ରାଜେଶ ଟପ୍ପୋ ପ୍ରମୁଖ ସ୍ୱର୍ଗତ ଶାହାଙ୍କ ବିୟୋଗରେ ଶୋକ ପ୍ରକାଶ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ବହୁବିଧ ସମସ୍ୟାରେ ଜର୍ଜରିତ କେନ୍ଦୁଝର ସହର, କେନ୍ଦୁଝର ସହରର ମାଷ୍ଟର ପ୍ଲାନ ହୋଇଛି କିନ୍ତୁ କାର୍ଯ୍ୟକାରୀ ହେଉନାହିଁ

କେନ୍ଦୁଝର: ବହୁବିଧ ସମସ୍ୟାରେ ଜର୍ଜରିତ କେନ୍ଦୁଝର ସହରରେ ୨୦୧୯ ମସିହାରେ ମାଷ୍ଟର ପ୍ଲାନ ଡାଇରେକ୍ଟର ଟାଉନପ୍ଲାନିଂରେ ମୁର ହୋଇଛି କିନ୍ତୁ ମାଷ୍ଟର ପ୍ଲାନ ଅନୁଯାୟୀ ପଦକ୍ଷେପ ନିଆଯାଉନଥିବାରୁ ଅନେକ ସ୍ଥାନରେ ପାଣି ନିଷ୍କାସନ ହୋଇ ପାରୁନଥିବାରୁ ବର୍ଷା ଦିନରେ ଅନେକ ୱାର୍ଡରେ ଲୋକ ଜଳବନ୍ଦୀ ହୋଇ ରହୁଛନ୍ତି। ଆଗାମୀ ୨୦୩୦ ମସିହା ପର୍ଯ୍ୟନ୍ତ କେନ୍ଦୁଝର ସହର ପାଇଁ ମାଷ୍ଟର ପ୍ଲାନ ମଂଜୁର ହୋଇଛି। କେନ୍ଦୁଝର ସହର ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ପାଇଁ ଅନୁବନ୍ଧିତ ହୋଇଥିବା ନୂଆଦିଲ୍ଲୀର ରୁଦ୍ରାଭିଷେକ ଏଣ୍ଟରପ୍ରାଇଜର୍ସ ସଂସ୍ଥା ପକ୍ଷରୁ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଥିଲା। ଏଥିପାଇଁ ଉକ୍ତ ସଂସ୍ଥା ଲକ୍ଷାଧିକ ଟଙ୍କା ମଧ୍ୟ ନେଇଛି। ମାତ୍ର ଏହା ସଠିକ ଭାବେ କାର୍ଯ୍ୟକାରୀ ନେଇ ପଦକ୍ଷେପ ନିଆଯାଉନଥିବାରୁ ସହରବାସୀ ବିଭିନ୍ନ ସମସ୍ୟାରେ ପଡୁଛନ୍ତି। ଆଗାମୀ ୨୦୩୦ ମସିହା ସୁଦ୍ଧା ମାଷ୍ଟର ପ୍ଲାନ ହୋଇଥିବା ଅଞ୍ଚଳର ଜନସଂଖ୍ୟା ୧ଲକ୍ଷ ୫୫ହଜାର ୬୦୮ ହେବ ବୋଲି ରିପୋର୍ଟରେ ଦର୍ଶାଇଥିଲା। କେନ୍ଦୁଝର ସହରର ୬୭୩୫.୬୦ ଏକର ଅଞ୍ଚଳରେ ବସବାସ କରୁଥିବା ୬୦ହଜାର ୫୯୦ ଜନସାଧାରଣଙ୍କୁ ନେଇ ୨୮ଟି ସହରାଞ୍ଚଳ ଜୋନ କରାଯାଇଥିବାବେଳେ ନିକଟସ୍ଥ ବୋଦାପଳସା,ରାଇସୁଆଁ, ନେଲୁଙ୍ଗ, ଡିମ୍ବୋ, ନରଣପୁର, ମଣ୍ଡୁଆ, ଶିରିଶପାଳ ଓ ଜନାର୍ଦ୍ଦନପୁର ଗ୍ରାମ ପଞ୍ଚାୟତର ୧୪୪୬୪.୮୩ ଏକର ଅଞ୍ଚଳରେ ରହୁଥିବା ୩୯ହଜାର ୯୧୧ ଜନସାଧାରଣଙ୍କ ପାଇଁ ୪୦ଟି ଗ୍ରାମାଞ୍ଚଳ ଜୋନ କରାଯାଇଛି। ବର୍ଜ୍ୟବସ୍ତୁ ପରିଚାଳନା,ପାନୀୟ ଜଳଯୋଗାଣ,ରାସ୍ତା ଓ ଡ୍ରେନ୍ ନିର୍ମାଣ,ନାଳ ନର୍ଦ୍ଦମା ନିଷ୍କାସନ,ଟ୍ରକ ଟର୍ମିନାଲ,ଫୁଟ ଓଭର ବ୍ରିଜ,ନଦୀ ବା ନାଳକୁ ଡ୍ରେନ ପାଣି ସିଧାସଳଖ ନଛାଡି ଟ୍ରିଟମେଣ୍ଟ ପ୍ଲାଣ୍ଟ କରି ପାଣି ଛାଡିବା,ଅରଡେଇ ନଦୀ ପାର୍ଶ୍ୱରେ ଉନ୍ନତିକରଣ ଏବଂ ୧୫୦ ମିଟର ଭିତରେ କୌଣସି ନର୍ମାଣ ହେବ ନାହିଁ, ମାଷ୍ଟରପ୍ଲାନ ପାର୍ଶ୍ୱରେ ଥିବା ନରଣପୁର ଏବଂ ଶଙ୍କରପୁର,ଡିମ୍ବୋ ପାହାଡ ପାର୍ଶ୍ୱରେ ସମ୍ବେଦନଶୀଳ ଅଞ୍ଚଳ ଘୋଷଣା କରାଯାଇ ବନୀକରଣ ଏବଂ ପାର୍କ ନିର୍ମାଣ,ବସ୍ତି ବାସିନ୍ଦାଙ୍କ ପାଇଁ ଆବାସ ଯୋଜନା ଆଦି ଯୋଜନା ରହିଥିଲେ ହେଁ ଏହା କେବଳ କାଗଜକଲମରେ ସୀମିତ ରହିଛି। କେନ୍ଦୁଝର ସହର ନିକଟସ୍ଥ ୪୦ଟି ଗ୍ରାମାଞ୍ଚଳ ଜୋନରେ ପିଇବା ପାଣି ଯୋଗାଇ ଦେବା ପାଇଁ ଭିତ୍ତିଭୂମି ପ୍ରତିଷ୍ଠା କରିବାକୁ ସହରାଞ୍ଚଳ ପାନୀୟ ଜଳ ସାମିଲ କରିବାକୁ ଯୋଜନା ରହିଥିଲେ ହେଁ ଖରାଦିନରେ ଅନେକ ଗାଁରେ ଏବେ ବି ପାଣି ସମସ୍ୟା ରହଛି। ସ୍ୱତନ୍ତ୍ର ଯୋଜନା ଶାଖା କର୍ତ୍ତୃପକ୍ଷ କେନ୍ଦୁଝର ପକ୍ଷରୁ ମାଷ୍ଟର ପ୍ଲାନର କପି ବିଭିନ୍ନ ବିଭାଗକୁ ଦିଆଯାଇଥିଲେ ହେଁ ମାଷ୍ଟର ପ୍ଲାନରେ ଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଉନାହିଁ। ଫଳରେ ମାଷ୍ଟରପ୍ଲାନ କେବଳ କାଗଜକଲମରେ ସୀମିତ ହୋଇ ରହିଯାଇଛି। ମାଷ୍ଟରପ୍ଲାନ ନେଇ ବିଭିନ୍ନ ବିଭାଗର ବୈଠକ ସହର ଯୋଜନା ଶାଖାର ଅଧ୍ୟକ୍ଷ ତଥା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବର୍ଷକୁ ଅନ୍ୟୂନ ୨ ଥର ବୈଠକ କରାଗଲେ ମାଷ୍ଟରପ୍ଲାନ ସଠିକ୍ ଭାବେ କାର୍ଯ୍ୟକାରୀ ହେବା ସହ ଲୋକଙ୍କ ବହୁବିଧ ସମସ୍ୟା ଦୂର ହୋଇପାରିବ ବୋଲି ମତବ୍ୟକ୍ତ ହୋଇଛି।

## କରଡିପାଳ ଗାଁରେ ବାତ୍ୟା ୟାସ୍ ଧୋଇନେଲା ପାଦଚଲା ରାସ୍ତା

ଭଦ୍ରକ : ବ୍ରିଟିଶ ସମୟର କଳାପାଣି ଦ୍ୱୀପରେ ଦିନ କାଟିବା ଭଳି ଜୀବନ ଜୀଉଁଛନ୍ତି ଭଦ୍ରକ ଜିଲାର ତିହିଡି ବ୍ଲକ୍ ରାଜନଗର ପ ାୟତ କରଡିପାଳ ଗାଁର ଲୋକେ। ବର୍ଷାଦିନ ୪ ମାସ ଗାଁ ଲୋକଙ୍କ ପାଇଁ ଆଣେ ଚରମ ଦୁଃଖ। ସମସ୍ତ ଗ୍ରାମବାସୀ ଜଳବନ୍ଦୀ ରହି ବହୁ ଦୁର୍ଦ୍ଦିନରେ ଦିନ କାଟନ୍ତି। ତେବେ ନିଜ ଗାଁକୁ ନିଜସ୍ୱ ଉଦ୍ୟମରେ ଗାଁ ଲୋକେ ବର୍ଷାଦିନ ପୂର୍ବରୁ ତିଆରି କରିଥିଲେ ଏକ ପାଦଚଲା ମାଟି ରାସ୍ତା। ମାତ୍ର ଏବେ ସେହି ରାସ୍ତାଟିକୁ ବାତ୍ୟା ୟାସ୍‌ର ଲୁଣି ଜୁଆର ଧୋଇନେଇଛି। ବାତ୍ୟା ପ୍ରଭାବରେ ମୁଖ୍ୟ ରାସ୍ତା ସଂଲଗ୍ନ ଫୁଟ୍ ବ୍ରିଜ୍‌ଟି ଇତିମଧ୍ୟରେ ପାଣିମାଡରେ ଭାସିଯାଇଛି। ଲୋକେ ପ୍ରତିଦିନ ଆଣ୍ଠୁଏ ପାଣିରେ ନିଜର ଦୈନନ୍ଦିନ ଜୀବନ ବିତାଉଛନ୍ତି। ରାଜନଗର ପଂଚାୟତ ଅଧୀନରେ ରହୁଥିବା ଏହି ଗାଁ ପ୍ରତି ପ୍ରଶାସନ ଦୀର୍ଘଦିନ ହେବ ଅଣଦେଖା କରୁଛି। ସମସ୍ତ ମୌଳିକ ଅଧିକାରରୁ ଏମାନେ ବଂଚିତ ହେଉଛନ୍ତି। କୁନି କୁନି ପିଲାମାନଙ୍କ ପାଇଁ ଏହି ଗାଁରେ ଅଙ୍ଗନୱାଡି ଘରଟିଏ ନାହିଁ। ଗାଁ ଠୁ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାଟିଏ ନଥିବାରୁ କାଦୁଅରେ ଲୋକେ ରୁନ୍ଧି ହୋଇଯାଉଛନ୍ତି। ଶିକ୍ଷା ପାଇଁ ଗାଁରେ ପିଲାମାନେ ବହୁ ସମସ୍ୟା ଭୋଗ କରୁଛନ୍ତି। କରଡିପାଳ ଗାଁରେ ସମସ୍ତ ପରିବାର ଅନୁସୂଚିତ ଜାତିର ହୋଇଥିବାବେଳେ ଅଧିକାଂଶ ଲୋକଙ୍କର ଆର୍ଥିକ ସ୍ଥିତି ଦୁର୍ବଳ। ଏହି ଗାଁର ୩୦ ପରିବାର ବହୁବାର ରାଜନେତାଙ୍କ ନିକଟରେ ଆର୍ପି କରିବା ପରେ ବିଧାୟକ ବିଷ୍ଣୁ ସେଠୀଙ୍କ ସମୟରେ ଗାଁ ମୁଣ୍ଡରେ ନିର୍ମାଣ ହୋଇଥିଲା ଏକ ଫୁଟ୍ ବ୍ରିଜ୍।

## ବାଲି ଘାଟକୁ ବିରୋଧ କରି ପ୍ରତିବାଦ, କୋରୋନା କଟକଣାକୁ ଫୁ

ଧର୍ମଶାଳା: ଯାଜପୁର ଜିଲାରେ ଧର୍ମଶାଳା ତହସିଲ ସବୁବେଳେ ଚର୍ଚ୍ଚାରେ ରହି ଆସୁଛି । ବିଶେଷ କରି କଳାପଥର ହେଉ ଅବା ବାଲି ଘାଟରୁ ବାଲି ଉତୋଳନକୁ ନେଇ ଜିଲା ପ୍ରଶାସନ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି । ଆଜି ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଉତରପ୍ରତାପ ଅଂଚଳରେ ବ୍ରାହ୍ମଣୀ ନଦୀର ଶାଖା ନଦୀ କେଲୁଅ ଅବବାହିକାରୁ ବାଲି ଉତୋଳନ ପାଇଁ ସରକାରଙ୍କ ପକ୍ଷରୁ ଅନୁମତି ଦିଆଯାଇଛି । ହେଲେ ସରକାରୀ ନିୟମକୁ ବେଖାତିର କରି ବାଲି ଉତୋଳନ ହେଉଥିବା ନେଇ ଆଜି ଧର୍ମଶାଳା ବିଜେପି ନେତ୍ରୀଙ୍କ ନେତୃତ୍ୱରେ ଅଂଚଳର ଶତାଧିକ ମହିଳା ପୁରୁଷ ଏହାକୁ ଘୋର ବିରୋଧ କରି ପ୍ରତିବାଦ କରିଛନ୍ତି । ନିଳାମଧାରୀ ଦିନରାତି ଏକ କରି ହାଇୱାରେ ଓଭର ଲୋଡିଂ କରି ବାଲି ପରିବହନ କରିବା ସହ ସୀମା ଉଲଂଘନ କରି ମନ ଇଚ୍ଛା ବାଲି ଘାଟରେ ମେସିନ ଲଗାଇ ବାଲି ପରିବହନ କରୁଛନ୍ତି । ଏହି ପରିବହନ ସମୟରେ ଗାଁ ରାସ୍ତା ଖରାପ ହେବା ସହ ଗହଳୀପୁର୍ଣ୍ଣ ଓ ବିଦ୍ୟାଳୟ ସମ୍ମୁଖରେ ଗାଡି ଚଳାଚଳକୁ ନେଇ ଅଂଚଳବାସୀ ଘୋର ବିରୋଧ କରିଛନ୍ତି । ଏହାକୁ ବିରୋଧ କରିବା ଫଳରେ ବାଲି ଘାଟରୁ ଆଜି ଶହଶହ ଗାଡି ଅଟକି ରହିଥିବା ଦେଖିବାକୁ ମିଳିଛି । ଏନେଇ ଏକ ଦାବି ପତ୍ର ଜିଲା ପ୍ରଶାସନ ନିକଟରେ ଦିଆଯିବ ବୋଲି ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି । ଯଦି ଏହାର ବ୍ୟତୀକ୍ରମ ହେଲେ ଆଗାମୀ ଦିନରେ ରାଜରାସ୍ତାରେ ଏହାର ପ୍ରତିବାଦ କରାଯିବ ବୋଲି ଚେତାବନୀ ଦିଆଯାଇଛି ।ଅନ୍ୟପକ୍ଷେ ଏହି ପ୍ରତିବାଦରେ କରୋନା ଆଇନକୁ ହାତକୁ ନେଇଛନ୍ତି ବିଜେପି ନେତ୍ରୀ । ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଫଳରେ ଲକ୍ ଡାଉନ ଓ ସଟ୍ ଡାଉନ ରହିଥିବା ବେଳେ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯାଇଛି । ହେଲେ ଶହଶହ ଲୋକେ ଏକତ୍ର ହୋଇ କରୋନା ସଂକ୍ରମଣକୁ ଆମନ୍ତ୍ରଣ କରୁଥିବା ନେଇ ଅଂଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ଜିଲା ପ୍ରଶାସନ ଏଦିଗରେ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା ।

## କେନ୍ଦ୍ର ଗୃହ ବିଭାଗର ୪ଜଣିଆ ଟିମର କ୍ଷୟକ୍ଷତି ଆକଳନ ପାଇଁ ଧାମରା ଗସ୍ତ

ଭଦ୍ରକ: ଭାରତ ସରକାରଙ୍କ ଗୃହ ବିଭାଗର ଯୁଗ୍ମ ସଚିବ ସୁନିଲ କୁମାର ବର୍ଣ୍ଣୱାଲଙ୍କ ନେତୃତ୍ୱରେ ଏକ ୪ଜଣିଆ ଟି ଆସି ଧାମରାରେ ୧୨.୪୫ ମିନଟରେ ପହଂଚିଥିଲେ। ଧାମରା ବନ୍ଦର(ଆଦାନୀ) ମଧ୍ୟରେ ସେମାନଙ୍କ ହେଲିକପ୍ଟର ପଂହଚିବା ପରେ ଧାମରା ବନ୍ଦର ତରଫରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା ।ପରେ ସେମାନଙ୍କର ଟିମ ପ୍ରଥମେ ଧାମରା ନିକଟସ୍ଥ ଦୋସିଙ୍ଗା ଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ, ଅମର ନଗର ନିକଟସ୍ଥ ଚନ୍ଦନୀପାଳ ଅଂଚଳକୁ ଯାଇ ସେଠାରେ ବସବାସ କରୁଥିବା ଏବଂ ଜିବୀକା ନିର୍ବାହ କରି ପେଟ ପୋଷୁଥିବା ମତ୍ସ୍ୟଜିବୀ ମାନଙ୍କ ଅଂଚଳ ବୁଲି କ୍ଷୟକ୍ଷତିର ଆକଳନ କରିଥିଲେ ।ପରେ ସେମାନେ ଦୋସିଙ୍ଗା ପଂଚାୟତସ୍ଥ ଜ୍ୟୋସ୍ନାମୟୀ ଗ୍ରାମ, କାଳିନାଳୀ, ଜୟଦୁର୍ଗାପାଟଣା,ଏବଂ ଶେଷରେ ଜାଗୁଳା ପଂଚାୟତସ୍ଥ ବଳଭଦ୍ରପ୍ରାସଦ ଅଂଚଳକୁ ଯାଇ ବୁଲି ଦେଖିଥିଲେ। ବାତ୍ୟା ୟାଶରେ କ୍ଷତିଗ୍ରସ୍ଥ ହୋଇଥିବା ଧାମରା ଅଂଚଳରେ ୟାଶ ବାତ୍ୟାରେ ପବନର ବେଗ ଏବଂ ସମୁଦ୍ରର ଜୁଆର ର ବ୍ୟାପକ କ୍ଷୟକ୍ଷତି ହୋଇଥିବା କଥା ସେମାନେ ହୃଦୟଙ୍ଗମ କରିଥିବା ବେଳେ ସେମାନଙ୍କ ଟିମ ଏହି କ୍ଷୟକ୍ଷତିର ଆକଳନ କରି ଆସନ୍ତା ୮ତାରିଖ ଦିନ କେନ୍ଦ୍ର ସରକାରଙ୍କ ଗୃହ ବିଭାଗକୁ ଦେବେ ପରେ ଏ ନେଇ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରାଯିବ ବୋଲି ନିଜର ବକ୍ତବ୍ୟ ରଖିଥିଲେ। ଆଜିର ଏହି ଟିମରେ କେନ୍ଦ୍ର ସରକାରଙ୍କ କୃଷି ବିଭାଗର ନିର୍ଦ୍ଦେଶକ ବିପୁଲ କୁମାର ଶ୍ରୀବାସ୍ତବ, କେନ୍ଦ୍ରସରକାରଙ୍କ ଅର୍ଥ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁରଜ କୁମାର ପ୍ରଧାନ,ଶାଶ୍ୱତ କୁମାର ମହାପାତ୍ର ପ୍ରମୁଖ ଆସି ଥିବା ବେଳେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ, ଡ୍ରେନେଜ ବିଭାଗ, ପଂଚାୟତି ରାଜ ବିଭାଗ,ନେସ୍କୋ କର୍ତ୍ତୁପକ୍ଷ, ଜଳସମ୍ପଦ ବିଭାଗର କର୍ମକର୍ତ୍ତା, ମତ୍ସ୍ୟବିଭାଗର କର୍ମକର୍ତା, ରାସ୍ତା ଏବଂ ଗୃହନିର୍ମାଣ ବିଭାଗ,ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ସଂସ୍ଥା ସହ ଚାନ୍ଦବାଲି ବିଡିଓ ଏବଂ ତହସିଲଦାର ପ୍ରମୁଖ ଆସି ଏହି ଟିମରେ ସାମିଲ ହୋଇଥିଲେ।

## କେନ୍ଦୁଝର ଜିଲ୍ଲାରେ ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ ବିଦ୍ୟୁତ୍ କରଣ ଯୋଜନାରେ ଖୁଣ୍ଟି ପକାଇ ବିଦ୍ୟୁତ୍‌କରଣ ହୋଇନଥିବା ଅଭିଯୋଗ

କେନ୍ଦୁଝର: ତେଲକୋଇ ବ୍ଲକ ପୁରୁଯୋଡା ପଞ୍ଚାୟତ ପୁରୁଯୋଡା ପାତ୍ର ସାହିରେ ଗାଁର ଅଧାରୁ ଅଧିକ ଲୋକଙ୍କୁ ବିଦ୍ୟୁତ୍ ଯୋଗାଣ ହୋଇନଥିବା ଅଭିଯୋଗ ହୋଇଛି। ଏନେଇ ପୂର୍ବରୁ ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଏବଂ ନେସ୍କୋ ନିକଟରେ ଅଭିଯୋଗ କଲେ ମଧ୍ୟ ପଦକ୍ଷେପ ନିଆଯାଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁର ରବିନ୍ଦ୍ର ପାତ୍ର,ପୂର୍ଣ୍ଣ ପାତ୍ର,ପଙ୍କଜ ପାତ୍ର,ପଦ୍ମନାଭ ପାତ୍ର,ଅର୍ଜୁନ ପାତ୍ର,ଜୟ ପାତ୍ର,ମୀନକେତନ ପାତ୍ର,କୃପାସିନ୍ଧୁ ପାତ୍ର,ଶ୍ୟାମସୁନ୍ଦର ପାତ୍ର,କାରଣ ପାତ୍ର,ଅଯୋଧ୍ୟା ପାତ୍ର,ସତ୍ୟବାଦୀ ପାତ୍ର,ବୃଷଭାନୁ ପାତ୍ର,ଡମ୍ବରୁଧର ପାତ୍ର,ପ୍ରଭାତ ପାତ୍ର,ନୃସିଂହ ପାତ୍ର ପ୍ରମୁଖ ତୁରନ୍ତୁ ଲାଇନ ସଂଯୋଗ ଦେବାକୁ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲାରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ ବିଦ୍ୟୁତ୍ କରଣ ଯୋଜନାରେ ଅନେକ ଗାଁର ବିପିଏଲ ପରିବାରକୁ ବିଦ୍ୟୁତ୍ ସଂଯୋଗ କରାଯାଇନଥିବାବେଳେ ମିଥ୍ୟା ରିପୋର୍ଟ ପ୍ରଦାନ କରାଯାଇ ଗାଁକୁ ବିଦ୍ୟୁତ୍ କରଣ କରାଯାଇଥିବା ଦର୍ଶାଯାଇଛି। ଏହି ଗାଁରେ ବିଦ୍ୟୁତ୍ ଖୁଣ୍ଟ ଲାଗିଥିବାବେଳେ ହାତଗଣତି କିଛି ପରିବାରକୁ ବିଦ୍ୟୁତ୍ ସଂଯୋଗ କରାଯାଇଥିବା ଅନ୍ୟ ୨୦



ପରିବାରକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। କାମ କରୁଥିବା ଠିକାଦାର ଏନଟିପିସିକୁ ଭୂଲ ରିର୍ପୋଟ ପ୍ରଦାନ କରୁଥିଲେ ମଧ୍ୟ ବାସ୍ତବ ଚିତ୍ର କ'ଣ ଅଛି ତାହା ସ୍ଥିତି ପରଖୁ ନାହାଁନ୍ତି ଦାୟିତ୍ୱରେ ଥିବା ଏନଟିପିସିର ଅଧିକାରୀ। କେନ୍ଦୁଝର ଜିଲାରେ ଦାରିଦ୍ର ସୀମାରେଖା ବା ବିପିଏଲ କାର୍ଡ ଥିବା ହିତାଧିକାରୀମାନଙ୍କୁ ଠିକଣା ସମୟରେ ବିଦ୍ୟୁତ୍ ସଂଯୋଗ ମିଳୁନଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ପୁରୁଯୋଡା ପାତ୍ର ସାହିରେ ଦୀର୍ଘ ୧ବର୍ଷ ହେବ ବିଦ୍ୟୁତ୍ ଖୁଣ୍ଟ ପଡିଛି, ସବଷ୍ଟେସନ ପଡିଛି ଏବଂ ହିତାଧିକାରୀଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ପାଇଁ ବଙ୍କୁଲି ବାଡି ଦିଆଯାଇଛି ମାତ୍ର ଅଧିକାଂଶ ପରିବାରକୁ ତାର ସଂଯୋଗ ହୋଇନାହିଁ। ବିଦ୍ୟୁତ୍ ତାର ଟାଣିବାର ୧ବର୍ଷ ପରେ ମଧ୍ୟ ଲାଇନ ଚାର୍ଜ ପାଇନଥିବାରୁ ଏବେ ମଧ୍ୟ ୨୦ଟି ପରିବାର ର ୧୦୦ ଲୋକ ଅନ୍ଧାରରେ ରହୁଥିବାବେଳେ ସଂନ୍ଧ୍ୟା ସମୟରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଡିବିରି ଆଲୁଅରେ ପାଠ ପଢୁଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଲାଇନ ସଂଯୋଗ କରାଯାଉନାହିଁ। ଠିକାଦାର ଅଧା କାମ କରି କାମ ଛାଡି ପଳାଇଛି। ସୂଚନାଯୋଗ୍ୟ ଯେ, ବିଦ୍ୟୁତ୍ ସଂଯୋଗ ପାଇଁ ବିଭିନ୍ନ ସମୟରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ୧୦୦ କିଲୋମିଟର ଦୂର ଦୁର୍ଗମ ଓ ଆଭ୍ୟନ୍ତୁରୀଣ ଅଞ୍ଚଳର ଲୋକମାନେ ଅଯଥା ଖର୍ଚ୍ଚାନ୍ତ ହୋଇ ବିଦ୍ୟୁତ୍ ସମସ୍ୟା ଜଣାଇବାକୁ ଆସୁଥିଲେ ମଧ୍ୟ ନେସ୍କୋ ଏବଂ ଓପିଟିସିଏଲ ପଦକ୍ଷେପ ନେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ବହୁ ସ୍ଥାନରେ କେବଳ ବିଦ୍ୟୁତ୍ ଖୁଣ୍ଟି ଠିଆ ହୋଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ କରାନଯାଇ କାଗଜପତ୍ରରେ ଦର୍ଶାଯାଉଥିବା ଜଣାପଡିଛି। ଜିଲ୍ଲାରେ ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଅତି ହାଲୁକା ଭାବେ ଏନଟିପିସି ନେଉଥିବା ଜଣାପଡିଛି। କେନ୍ଦୁଝର ଜିଲ୍ଲାରେ ଏନଟିପିସି ଅଧିକାରୀ ମଧ୍ୟ ତଦାରଖ ଠିକ ଭାବରେ କରୁନଥିବାରୁ ଏପରି ସମସ୍ୟା ଉପୁଜିଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୦ ଡିସେମ୍ବର ୩୦ ତାରିଖ ସୁଦ୍ଧା ସବୁ ବିପିଏଲ ଘରକୁ ମାଗଣାରେ ବିଦ୍ୟୁତ୍ ଯୋଗାଇବା ପାଇଁ ଘୋଷଣା କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତୁ ଜିଲ୍ଲାର ବହୁ ଗ୍ରାମକୁ ବିଦ୍ୟୁତ ଯୋଗାଣ ହୋଇପାରିନଥିବା ଜଣାପଡିଛି।

## ଚରମ୍ପା ଅଗ୍ରେସନ ଭବନ ବ୍ୟତୀତ ଅନ୍ୟ ସମସ୍ତ ଟୀକାଗ୍ରହଣ କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା

ଭଦ୍ରକ : ଆଜିଠାରୁ ଜିଲାରେ ଆରମ୍ଭ ହୋଇଛି ୧୮ ରୁ ୪୪ ବର୍ଷ ବ୍ୟକ୍ତିବିଶେଷଙ୍କ ପାଇଁ କୋଭିଡ୍ ଟୀକାକରଣ। ଏ ନେଇ ଭଦ୍ରକ ପୌରାଳର ୧୦ଟି କେନ୍ଦ୍ରରେ ଚାଲିଛି ଟୀକାକରଣ। ତେବେ ପ୍ରବଳ ଗରମ ଭିତରେ ବିଭିନ୍ନ କେନ୍ଦ୍ରରେ ଅବ୍ୟବସ୍ଥା ନେଇ ଅଭିଯୋଗ ହୋଇଛି। ଭଦ୍ରକ ପୌରପାଳିକା ଅନ୍ତର୍ଗତ ମହିଳା ମହାବିଦ୍ୟାଳୟରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ଲୋକମାନେ ସକାଳ ୯ଟାରୁ ଲମ୍ବା ଲାଇନ୍‌ରେ ଆସି ପ୍ରବଳ ଖରାରେ ଠିଆ ହୋଇଥିବାର ଦେଖାଯାଇଥିଲା। ପ୍ରଶାସନ ପକ୍ଷରୁ କୌଣସି ସୁବିଧା କରାଯାଇନଥିବାବେଳେ ବାହାରେ ପ୍ରବଳ ଖରାରେ ମାତ୍ର ୩ ଜଣ କର୍ମଚାରୀଙ୍କୁ ନେଇ ଟୀକାକରଣ କରାଯାଇଛି। ଏହି ଟୀକା ଗ୍ରହଣ କେନ୍ଦ୍ରରେ କୌଣସି ପୌରପାଳିକାର କର୍ମଚାରୀଙ୍କର ଦେଖା ନଥିଲା। ଠେଲାପେଲା ମଧ୍ୟରେ ଟୀକାକରଣ କାର୍ଯ୍ୟ ଚାଲିଥିବାବେଳେ ସାମାଜିକ ଦୂରତ୍ୱ ରକ୍ଷା କରିବା ସହିତ କୋଭିଡ୍-୧୯ ର ସମସ୍ତ ନିୟମ ଉଲ୍ଲଂଘନ ହୋଇଥିଲା। ଯାହାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଛି। ଏଥିନେଇ ଆଗକୁ ଯେମିତି ପ୍ରଶାସନ ସତର୍କ ରହି ଲୋକଙ୍କୁ ଟୀକା ଯୋଗାଏ, ସେଥିପ୍ରତି ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି। ତେବେ ଚରମ୍ପା ଅଗ୍ରସେନ କେନ୍ଦ୍ରର ଚିତ୍ର କିନ୍ତୁ ଭିନ୍ନ। ସଂପୂର୍ଣ୍ଣ କରୋନା ଗାଇଡ୍ ଲାଇନ୍ ମାନି ବାତାନୁକୂଳ ପରିବେଶରେ ଚାଲିଛି ଟୀକାକରଣ। ଯାହାକୁ ନେଇ ଟୀକା ନେଉଥିବା ଲୋକମାନଙ୍କ ଭିତରେ ଦେଖିବାକୁ ମିଳିଛି ଖୁସି। ତେବେ ଏହି ଟୀକାକରଣ କେନ୍ଦ୍ରରେ ଭଦ୍ରକ ମାରୱାଡି ଯୁବମ ପକ୍ଷରୁ କରାଯାଉଛି ସହଯୋଗ।

## ଘଷିପୁରାରେ ମାନିଲେନି ସରକାରଙ୍କ ନିୟମ



ଆନନ୍ଦପୁର: ସପ୍ତାହାନ୍ତୁ ସଟ୍‌ଡାଉନ୍ ପରେ ଆଜି ସକାଳେ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ୪ ଘଣ୍ଟା କଟକଣା କୋହଳ କରାଯାଇଥିଲା । ହେଲେ ବଜାରରେ ହୋଇଥିଲା ଲୋକଙ୍କ ଅସମ୍ଭାଳ ଭିଡ । ଆଗକୁ ସାବିତ୍ରୀ ଓ ରଜ ରହିଥିବାରୁ ବ୍ୟାଙ୍କ୍‌ରେ ଲୋକଙ୍କ ଠେଲାପେଲା ମଧ୍ୟ ନଜରକୁ ଆସିଥିଲା । ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ମଧ ଅସନ୍ତୋଷ ଦେଖିବାକୁ ମିଳିଥିଲା । ଗତ ଶୁକ୍ରବାର ଠାରୁ ବଜାର ବନ୍ଦ ରହିଥିବା ବେଳେ ସୋମବାର ସକାଳ ୭ଟାରୁ ଖୋଲିଥିଲା କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବାର ନିୟମ ରହିଥିବା ବେଳେ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ଥିବା ଦେଖିବାକୁ ମିଳିଥିଲା । ଘଷିପୁରା ମୁଖ୍ୟ ରାସ୍ତାରେ ପରିବା ଓ ତେଜରାତି ଦୋକାନରେ ମଧ ଲୋକଙ୍କ ମଧ୍ୟରେ ଠେଲାପେଲା ଲାଗିଥିଲା । ଖବର ପାଇ ପୋଲିସ୍ ମଧ୍ୟ କେତେକ ଦୋକାନୀକୁ ତାଗିଦ୍ କରିଥିଲା । ସବୁଠାରୁ ଅଧିକ ଭିଡ ପରିଲକ୍ଷିତ ହୋଇଥିଲା ଘଷିପୁରା ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ମୁଖରେ ଲୋକମାନଙ୍କ ଲମ୍ବା ଧାଡି ରହିଥିବା ବେଳେ ସାମାଜିକ ଦୂରତା ଆଦୌ ନଥିଲା । ଗରମ,ଗୁଳୁଗୁଳିରେ ବହୁ ସମୟ ଧରି ଛିଡା ହୋଇଥିବା ବହୁ ଲୋକଙ୍କ ମୁହଁରେ ମାସ୍କ ନଥିଲା । ଏଥିପ୍ରତି ବ୍ୟାଙ୍କ୍ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିଲା । ସେହିପରି ଘଷିପୁରା ଥାନା ଧକୋଠା ଅଂଚଳରେ ମଧ ସାବିତ୍ରୀ ଓ ରଜ ବଜାର ସରଗରମ ରହିଥିଲା । ସବୁ ଦୋକାନରେ ଦିନ ୨ଟା ପର୍ଯ୍ୟନ୍ତୁ ଖୋଲାଖୋଲି ଭାବେ କାରବାର ଚାଲିଥିଲା । ଧକୋଠା ଓଡିଶା ଗ୍ରାମ୍ୟ ବ୍ୟାଙ୍କ୍ ଶାଖାରେ ଟଙ୍କା ଉଠାଇବା ପାଇଁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗିଥିଲା । ଏଠାରେ କୌଣସି ଲୋକ କଟକଣାକୁ ମାନି ନଥିବା ଅଭିଯୋଗ ହୋଇଛି । ଏଭଳି ପରିସ୍ଥିତି ଲାଗି ରହିଲେ ଆଗାମୀ ଦିନରେ ସଂକ୍ରମଣ ବୃଦ୍ଧି ପାିବା ଆଶଙ୍କା ପ୍ରକାଶ ପାଇଛି । ଏ ଦିଗରେ ପୋଲିସ୍ ପ୍ରଶାସନ କଠୋର ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ବ୍ଲକ ଏନଫୋର୍ସମେଂଟ ଟିମ ଉପରେ ଆକ୍ରମଣ ଘଟଣା; ମାମଲା ରଜୁ; ପଦକ୍ଷେପ ପାଇଁ ବିଡିଓଙ୍କ ପତ୍ର

ଭଦ୍ରକ: ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କୋଭିଡ ଏନଫୋର୍ସମେ ଟିମ ଉପରେ ଗତ ୪ ତାରିଖରେ ହୋଇଥିବା ଆକ୍ରମଣ ଘଟଣାରେ ମାମଲା ରଜୁ ହୋଇଛି। ଏନଫୋର୍ସମେ ଟିମ ଲିଡର ତଥା ବ୍ଲକ ମାର୍କେଟିଂ ଇନିସପେକ୍ଟର ରେବତୀସ ସିଂ ନାୟକଙ୍କ ଅଭିଯୋଗ କ୍ରମେ ଥାନାରେ ୧୮୪/୨୧ନଂ ମାମଲା ରଜୁ ହୋଇଛି। ମାମଲାର ତଦନ୍ତକାରୀ ଅଧିକାରୀ ତଥା ଧାମନଗର ଉପଖଣ୍ଡ ପୁଲିସ ଅଧିକାରୀ ବିଜୟକୃଷ୍ଣ ମହାପାତ୍ର ଓ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ଜଣାଯାଇଛି। ଅଭିଯୋଗ ଅନୁଯାୟୀ ଗତ ୪ ତାରିଖ ଦିନ ଥଇଳା ଗ୍ରାମର ଦୋଳଗୋବିନ୍ଦ ବାରିକଙ୍କ ଝିଅ ବିଭାଘର ଭୋଜିରେ ଶହେରୁ ଅଧିକ ଲୋକ ଏକତ୍ର ହୋଇ ଭୋଜି ଖାଉଥିବା ଘଟଣା ଏନଫୋର୍ସମେ ଟିମ ଦୃଷ୍ଟିକୁ ଆସିଥିଲା।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada






# ଧରାପଡିଲା ବ୍ରାଉନସୁଗାର ର୍ୟାକେଟ୍ :୬୨ ଗ୍ରାମ୍ ବ୍ରାଉନସୁଗାର, କାର୍ ଓ ନଗଦ ୫ ଲକ୍ଷ ଜବତ : ୩ ଗିରଫ

ସମ୍ବଲପୁର : ସମ୍ବଲପୁର ସହରରେ ଦିନକୁ ଦିନ ଅପରାଧ ବଢିବାରେ ଲାଗିଛି । ଦିନ ଦ୍ୱି ପ୍ରହରରେ ଲୋକଙ୍କ ଘରେ ପଶି କେତେକ ଦୁର୍ବୃତ ମରଣାନ୍ତକ ଆକ୍ରମଣ କରି ସର୍ବସ୍ୱ ଲୁଟ୍ କରି ନେଉଥିବା ବେଳେ ଦୁଷ୍କର୍ମ, ଅପହରଣ ଭଳି ଅପରାଧ ବୃଦ୍ଧି ପାଇବାରେ ଲାଗିଛି । ତେବେ ଜିଲ୍ଲାରେ ଘଟୁଥିବା ବିଭିନ୍ନ ଅପରାଧ ମାତ୍ରାଧିକ ନିଶା ସେବନ ଯୋଗୁଁ ଘଟୁଥିବା କୁହାଯାଉଛି । ତେବେ ପୋଲିସ ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ ଯାଂଚ୍ ବ୍ୟବସ୍ଥାକୁ କଡ଼ାକଡ଼ି କରିଥିବା ବେଳେ ବେଆଇନ ମାଦକ ଦ୍ରବ୍ୟ ଚାଲାଣ ଉପରେ ତୀକ୍ଷ୍ଣ ନଜର ରଖିଛି । ଗତ ଅପ୍ରେଲ ୭ ତାରିଖରେ ଟାଉନ୍ ଥାନା ପୋଲିସ ସନ୍ଦେହଜନକ ଅବସ୍ଥାରେ କେତେକ ଦୁର୍ବୃତଙ୍କୁ ଅଟକ ରଖି ଯାଂଚ୍ କରିବା ପରେ ସେମାନଙ୍କ ଠାରୁ ବ୍ରାଉନସୁଗାର ଜବତ କରିଥିଲା । ଏହି ଘଟଣା ପରେ ପଶ୍ଚିମ ଓଡ଼ିଶାରେ ବ୍ରାଉନସୁଗାର ଚୋରା କାରବାର ହେଉଥିବା ଏକ ପ୍ରକାର ସ୍ପଷ୍ଟ ହୋଇଥିଲା । ତେବେ ଉକ୍ତ ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଜେରା ସମୟରେ ସେମାନଙ୍କ ସୂଚନା ଆଧାରରେ ପୋଲିସ ଜିଲ୍ଲାର ବିଭିନ୍ନ ଅଂଚଳ ପ୍ରତି ତୀକ୍ଷ୍ଣ ନଜର ରଖିଥିଲା । ଗତକାଲି ସକାଳେ ରେଙ୍ଗାଲି ଥାନା ନୂଆ ରାଙ୍ଗେଲା ଅଂଚଳର ୧୦ ନଂ ରାଜପଥରେ ସନ୍ଦେହଜନକ ଅବସ୍ଥାରେ ଏକ ହୋଣ୍ଡା ସିଟି କାର୍ ନଂ ଓଡି୦୨ବିକ୍ୟୁ-୭୭୭୫ କୁ ପିଛା କରି ଗାଡିଟିକୁ ଧରିଥିଲେ ସମ୍ବଲପୁର ଜିଲ୍ଲାର ସ୍ୱତନ୍ତ୍ର ପୋଲିସ ଟିମ୍ ଓ ରେଙ୍ଗାଲି ଥାନା ପୋଲିସ । ଯାଂଚ୍ ଗାଡିରୁ ୩୧ ଗ୍ରାମର ଦୁଇଟି ପ୍ୟାକେଟ୍ ରେ ଥିବା ୬୨ ଗ୍ରାମ୍ ର ବ୍ରାଉନସୁଗାରକୁ ଜବତ କରିଥିଲେ । ଘଟଣାରେ ୩ ଜଣଙ୍କୁ ଥାନାକୁ ନେଇ ପଚରା ଉଚୁରା କରିଥିଲା । ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କ ମଧ୍ୟରେ ନୟାଗଡ଼ ଜିଲ୍ଲା ଶରଣକୂଳ ଥାନା ଗୋଡିପଡା ଅଂଚଳର ଜଣେ, ଖୋର୍ଦ୍ଧା ଜିଲ୍ଲା ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଅଂଚଳର ଜଣେ ଓ ବରଗଡ଼ ଜିଲ୍ଲା ସଦର ଥାନା ଅନ୍ତର୍ଗତ ସାରସ ଅଂଚଳର ଜଣଙ୍କୁ ପୋଲିସ ଗିରଫ କରିଥିଲା । ଅଭିଯୁକ୍ତ ମାନେ ବ୍ୟବହାର କରୁଥିବା ଉକ୍ତ ହୋଣ୍ଡା ସିଟି କାର୍ ସମେତ ନଗଦ ୫ ଲକ୍ଷ ୪୪୦ ଟଙ୍କା, ୪ଟି ମୋବାଇଲ୍ ଜବତ କରିଥିଲା । ତେବେ ଜବତ ବ୍ରାଉନସୁଗାରର ମୂଲ୍ୟ ୪ ଲକ୍ଷ ୨୦ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ଆକଳନ କରିଛି । ଏହି ମାମଲାକୁ ରେଙ୍ଗାଲି ଥାନା ନିରୀକ୍ଷକ ଧବଳେଶ୍ୱର ସାହୁ ୧୦୧/୨୧ ରେ ଏକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ପୋଲିସର ଏହି ଚଢ଼ଉରେ ଏସଆଇ ସଞ୍ଜୟ କୁମାର ସାହୁ, ଏଏସଆଇ କୈଳାସ ଚନ୍ଦ୍ର ପ୍ରଧାନ, ହାବିଲଦାର ଏସ.କେ. ସାହୁ, କନଷ୍ଟେବଳ ପି. ବାଗ୍, କନଷ୍ଟେବଳ ଏନ୍. ମହାନନ୍ଦ ଓ ୟୁ. ନାୟକ ସହାୟତା କରିଥିଲେ ।

## ବେଆଇନ ବାଲି ଚଲାଣ ବେଳେ ଚଢାଉ

ଜୟପୁର: ଜୟପୁର ତହସିଲ ତରଫରୁ ଚଢାଉ କରାଯାଇଛି । ତହସିଲ ଅଂଚଳରୁ ପ୍ରତ୍ୟେକ ଦିନ ବେଆଇନ ଭାବେ ବାଲି ଚାଲାଣ ହେଉଛି । ଏନେଇ ଜୟପୁର ତହସିଲଦାର ପ୍ରଧାନ ଟୁଲ୍ଲି ଅମ୍ମାଙ୍କ ନିର୍ଦ୍ଦେଶରେ ଚଢାଉ କରାଯାଇଛି । ଜୟପୁର ଇନ୍ଦିରା ପଣ୍ଡା ଛକ ଠାରେ ଅତିରିକ୍ତ ତହସିଲଦାର ମାନସ ଘଡେଇ ସହ ଏଟି ଟିମ ଚଢାଉ କରିଥିଲେ । ଟ୍ରାକ୍ଟର, ଟିପ୍ପର ,ଟ୍ରକ ଭଳି ୮ଟି ଗାଡି ଜବତ କରିଥିଲେ । ୭୯ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ବେଳେ ଶନିବାର ୨ଟି ଗାଡି କୁ ଜବତ କରାଯାଇ ୫୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି । ଏପରି ଯାଂଚ କଡା କଡି କରାଯିବ ବୋଲି ତହସିଲଦାର ପ୍ରଧାନ ଟୁଲ୍ଲି ଅମ୍ମା ସୁଚନା ଦେଇଛନ୍ତି ।

# ମହାକାଳପଡା ବିକାଶ ମଞ୍ଚର କରୋନା ସଚେତନତା ଓ ଅସହାୟଙ୍କୁ ସହାୟତା ପ୍ରଦାନ



କେନ୍ଦ୍ରାପଡ଼ା: ବନ୍ୟା ବାତ୍ୟା ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାଧାରଣ ଜନତାଙ୍କ ପାଖରେ ପହଞ୍ଚି ସହାୟତାର ହାତ ବଢାଉଥିବା ମହାକାଳପଡା ବିକାଶ ମଞ୍ଚ ପକ୍ଷରୁ ମହାକାଳପଡା ବ୍ଲକର ରାଜଗଡ ଛକ, ଓରତଘାଟ ବଜାର, ଦେଉଳପଡା ଛକ ଓ ବିଜୟ ନଗର ବଜାର ସମେତ ମାର୍ଶାଘାଇ ବ୍ଲକର ଅଙ୍ଗୁଳାଇ ଛକ, ପସ୍ତାଛକ, ନେମ୍ବରାଛକ ପ୍ରଭୃତି ସ୍ଥାନରେ ଅମାନିଆମାନଙ୍କୁ ତୁଣ୍ଡି ପ୍ରଦାନ ସହ କରୋନା ମହାମାରୀ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ମଞ୍ଚର "ସ୍ଲୋଗାନ ମାସ୍କ ପିନ୍ଧନ୍ତୁ ସାମାଜିକ ଦୂରତ୍ୱ ବଜାଇ ରଖନ୍ତୁ"ବୋଲି ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଏଥିସହିତ ବିଜୟନଗର ଗ୍ରାମର ବଜ୍ରାଘାତରେ ପ୍ରାଣ ହରାଇଥିବା ସ୍ୱର୍ଗତ ରାମଚନ୍ଦ୍ର ରାଉତଙ୍କ ବିଧବା ପତ୍ନୀ ଶାନ୍ତିଲତା ରାଉତଙ୍କୁ ଶୁଖିଲା ଖାଦ୍ୟ ଅଟା, ଚୁଡା, ବିସ୍କୁଟ, ସାବୁନ ଓ ଅର୍ଥରାଶି ପ୍ରଦାନ କରାଯିବା ସହ ସେହିଗ୍ରାମର ଅସହାୟା ଭାନୁମତି ସୁତାରଙ୍କୁ ମଧ୍ୟ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା । ସମାଜସେବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ବରିଷ୍ଠ ଶିକ୍ଷାବିତ, ସମାଜସେବୀ, ପରିବେଶବିତ ତଥା ମହାକାଳପଡା ବିକାଶ ମଞ୍ଚର ସଭାପତି କାଶିନାଥ ରାଉତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଞ୍ଚର ସମ୍ପାଦକ ବିଚିତ୍ରାନନ୍ଦ ବାରିକ, ଆଇନଜୀବି ଶୁଭେନ୍ଦୁ ରାଉତରାୟ ଓ ଅକ୍ଷୟ ନାଥ, ମଞ୍ଚର ସଦସ୍ୟ ସୁଶାନ୍ତ ତ୍ରିପାଠୀ, ଧନେଶ୍ୱର ସେଠୀ, ଇଶ୍ୱର ଚନ୍ଦ୍ର ବେହେରାଙ୍କ ସମେତ କେନ୍ଦ୍ରାପଡା ସଚେତନ ନାଗରିକ ମଞ୍ଚର ଉପଦେଷ୍ଟା ଶିକ୍ଷକ ନେତା ପ୍ରଣବ କୁମାର ଜେନା, ମଞ୍ଚର ସଦସ୍ୟ ପବିତ୍ର ମାଇତି, ପ୍ରଦିପ ଦାସ, ମନୋରଞ୍ଜନ ଜେନା, ପବିତ୍ର କୁମାର ପରିଡା, ଶାରଦା ପ୍ରସାଦ ଚୌଧୁରୀ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# କୋଭିଡ ଡାକ୍ତରଖାନାରେ ମୃତ ରୋଗୀଙ୍କ ଟଙ୍କା ଓ ସାମଗ୍ରୀ ଚୋରୀ ଘଟଣାର ତଦନ୍ତ ଆରମ୍ଭ

ଝାରସୁଗୁଡା: ଝାରସୁଗୁଡା କୋଭିଡ଼ ଡାକ୍ତରଖାନାରେ ନନ୍ଦଲାଲ ବିଶ୍ୱାଳ ନାମକ ଜଣେ କୋଭିଡ୍ ସଂକ୍ରମିତ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ହେଲେ ମୃତ୍ୟୁ ସମୟରେ ତାଙ୍କ ପାଖରେ ଥିବା ଦଶ ହଜାର ଟଙ୍କା, ମୋବାଇଲ ଏବଂ ସୁନା ଚେନ ଚୋରି ହୋଇ ଯାଇଥିବା ନେଇ ପୁଅ ପ୍ରଶାନ୍ତ ବିଶ୍ୱାଳ ଅଭିଯୋଗ ଆଣିବା ସହ ତଦନ୍ତ ଦାବି କରିଥିଲେ । କେବଳ ସେତିକି ନୁହେଁ ସୁନା ଚେନ ଚୋରି କରିବାକୁ ଯାଇ ତାଙ୍କ ପିତାଙ୍କୁ ହତ୍ୟା କରାଯାଇଥିବା ଭଳି ଗୁରୁତର ଅଭିଯୋଗ ଆଣିଥିଲେ । ହେଲେ ଏହି ଅଭିଯୋଗ ଉପରେ ଅନୁଧ୍ୟାନ କରି କୋଭିଡ୍ ଡାକ୍ତରଖାନାର ମେଡିକାଲ ଅଫିସର ଡାକ୍ତର ଏଲ୍ କେ କର୍ମୀ ଏତଲା ଦେବା ପରେ ଝାରସୁଗୁଡ଼ା ଟାଉନ ଥାନା ପୁଲିସ୍ ତନାଘନା ଆରମ୍ଭ କରି ପଚରାଉଚରା କରିବା ସହ ସୁନା ଚେନ କେଉଁଠି ବିକ୍ରି ହୋଇଛି ତାହାର ଖୋଳତାଡ଼ ଚଳାଇଛି । ଘଟଣା ସମ୍ପୃକ୍ତ ଅଭିଯୋଗରେ ଚାରି ଜଣ ଙ୍କୁ ଥାନା ରେ ଅଟକ ରଖିଛି । ଓଡିଶା-ଛତିଶଗଡ଼ ସୀମାନ୍ତ ରେଙ୍ଗାଲି ଥାନା କନକତୋରା ଗ୍ରାମର ନନ୍ଦଲାଲ କୋଭିଡ୍ ଆକ୍ରାନ୍ତ ହୋଇ ଝାରସୁଗୁଡ଼ା କୋଭିଡ୍ ଡାକ୍ତରଖାନାରେ ଗତ ଅପ୍ରେଲ ୨୪ ତାରିଖ ହୋଇଥିଲେ । ୩୦ ତାରିଖ ତାଙ୍କର ମୃତ୍ୟୁ ହୋଇଥିଲା । ମୋବାଇଲ, ଟଙ୍କା ଏବଂ ସୁନା ଚେନ ଆଉ ମିଳିନଥିବା ପରିବାର ଲୋକେ ଅଭିଯୋଗ ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ତଦନ୍ତ କରି ତିନି ଜଣ ଠିକା କର୍ମଚାରୀ ଯେଉଁମାନେ କି ଡାକ୍ତରଖାନାରେ ସଫେଇ କାର୍ଯ୍ୟ ଏବଂ ଶବ ପ୍ୟାକିଂ କରିବା କାର୍ଯ୍ୟରେ ନିୟୋଜିତ ରହିଛନ୍ତି ସେମାନଙ୍କ ଉପରେ ସନ୍ଦେହ ପ୍ରକାଶ କରି ଝାରସୁଗୁଡା ଥାନାରେ ଗତ ୫ ତାରିଖ ଏତଲା ଦେଇଥିଲେ ।

## ଟ୍ରକ ସହ ଗଞ୍ଜେଇ ଜବତ

ଜୟପୁର: ଜୟପୁର ସଦର ପୋଲିସି ଗଞ୍ଜେଇ ଚାଲାଣ ବେଳେ ଚଢାଉ କରିଛି । ୬ ଚକିଆ ଟ୍ରକରେ ମହାରାଷ୍ଟ୍ର ଚଲାଣ ହେଉଥିବା ବେଳେ ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡା ସୁଚନା ପାଇଁ କୋରାପୁଟ ଘାଟିରେ ଚଢାଉ କରିଥିଲେ । ଅଭିନବ ଉପାୟରେ ମୁଢ଼ି ବସ୍ତା ଭିତରେ ଗଞ୍ଜେଇ ରଖି ଚାଲାଣ ହେଉଥିଲା । ଉକ୍ତ ଟ୍ରକ ଏମଏଚ.୧୮. ବିଜି. ୫୫୪୧ କୁ ସଦର ଥାନାକୁ ଆଣି ଯାଂଚ କରାଯାଉଛି । ପାଖା ପାଖି ୧ ଟନ ଗଞ୍ଜେଇ ଜବତ କରିଥିବା ଜଣାଯାଇଛି। ମାଜିଷ୍ଟ୍ରେଟ ଉପସ୍ଥିତରେ ଓଜନ କରିବା ସହ ତଦନ୍ତ ପରେ ସବୁ ଜଣାପଡିବ ବୋଲି ଥାନା ଅଧିକାରି ମହାକୁଡ ସୁଚନା ଦେଇଛନ୍ତି ।

# ୮ଟି ଗୋରୁ ବୋଝେଇ ପିକପ୍ ଭ୍ୟାନ ଜବତ, ୧୫୦ଟି ଗୋରୁ ଉଦ୍ଧାର

ହରିଚନ୍ଦନପୁର: କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ପିଠାଗୋଳା ନିକଟରୁ ୮ଟି ଗୋରୁ ବୋଝେଇ ପିକପ୍ ଭ୍ୟାନ ଜବତ ସହ ୧୫୦ଟି ଗୋରୁ ଉଦ୍ଧାର କରାଯାଇଛି । ଖବର ଅନୁଯାୟୀ ଏହି ୮ଟି ପିକପ୍ ଭ୍ୟାନ ଯୋଗେ ପ୍ରାୟ ୧୫୦ଟି ଗୋରୁ ବାହାର ରାଜ୍ୟକୁ ଚାଲାଣ ହେଉଥିବା ଖବର ପାଇ ମିଳିତ କ୍ରମେ ଜଙ୍ଘିରା ଓ ହରିଚନ୍ଦନପୁର ବନ ବିଭାଗ ପିଠାଗୋଳା ନିକଟରେ ଉକ୍ତ ଗାଡ଼ି ଗୁଡ଼ିକୁ ଅଟକାଇଥିଲେ । ଖବର ପାଇ ହରିଚନ୍ଦନପୁର ପୋଲିସ ଘଟଣାସ୍ଥଳରେ ପହଂଚି ଉକ୍ତ ପିକପ୍ ଭ୍ୟାନ ଗୁଡ଼ିକୁ ଜବତ କରିବା ସହ ଅତି ନିର୍ଦ୍ଦୟ ଭାବେ ବନ୍ଧା ହୋଇଥିବା ଗାଇଗୋରୁଙ୍କୁ ଉଦ୍ଧାର କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି । ସୂଚନା ମୁତାବକ ରବିବାର ବିଳମ୍ବିତ ରାତିରେ ଏହି ୮ଟି ଗୋରୁ ବୋଝେଇ ଗାଡି କେନ୍ଦୁଝର ଜିଲ୍ଲାର ତେଲକୋଇ ବିମଳା ଫରେଷ୍ଟ ଚେକ୍ ପୋଷ୍ଟରେ ଅତି ବେପରୁଆ ଭାବେ ଗାଡି ଚଳାଇ ଅତିକ୍ରମ କରିଥିଲେ । ଯାହାକୁ ନେଇ କାର୍ଯ୍ୟରତ ଥିବା ପୋଷ୍ଟ ଅଧିକାରୀଙ୍କ ସନ୍ଦେହ ବଢ଼ିଥିଲା ଓ ଗାଡ଼ି ଗୁଡ଼ିକୁ ପିଛା କରିବା ସହ ଜଙ୍ଘିରା ଓ ହରିଚନ୍ଦନପୁର ରାସ୍ତାରେ ଯାଉଥିବା ନେଇ ଉକ୍ତ ବନପାଳଙ୍କୁ ସୂଚନା ଦେଇଥିଲେ । ସୂଚନା ପାଇ ଉଭୟ ବନପାଳ ସହ ବନ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ପିଠାଗୋଳା କାଳିଆପାଣି ରାସ୍ତାର ଚେଲିଆ ଘାଟି ନିକଟରେ ଗାଡ଼ି ଗୁଡ଼ିକୁ ଅଟକାଇବାରେ ସକ୍ଷମ ହେଲେ । ଅଟକାଇବା ସମୟରେ ଗାଡ଼ି ଚାଳକମାନେ ତରବରିଆ ହୋଇ ଗାଡି ଗୁଡ଼ିକୁ ଗଛରେ ପିଟି ଖସି ପଳାଇଥିଲେ । ଫଳରେ ଗାଡ଼ିରେ ଥିବା କିଛି ବଳଦଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ସମସ୍ତ ବଳଦଙ୍କୁ ସୁସ୍ଥ ଅବସ୍ଥାରେ ଉଦ୍ଧାର କରାଯାଇଛି । ତେବେ ଏହି ଅଞ୍ଚଳରେ ବାରମ୍ବାର ଗୋରୁ ଚାଲାଣ ଘଟଣା ବାବଦରେ ପଣ୍ଡାପଡ଼ା ପୋଲିସକୁ ସ୍ଥାନୀୟ ଲୋକେ ସୂଚନା ଦେଉଥିଲେ ମଧ୍ୟ ପୋଲିସର ନିରବତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଥିପ୍ରତି ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଜନ ସାଧାରଣରେ ଦାବି ହେଉଛି ।

# ନିମ୍ନମାନର ପିଡିଏସ ଚାଉଳ ପାଇଁ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଇସ୍ତଫା ଦାବି କଲା ପ୍ରଦେଶ ଛାତ୍ର କଂଗ୍ରେସ




ଭୁବନେଶ୍ୱର : ଆଜି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ଶ୍ରୀ ୟାସିର ନୱାଜଙ୍କ ନେତୃତ୍ୱରେ ନିମ୍ନମାନର ପିଡିଏସ ଚାଉଳ ଏବଂ ଏହି ମହାଦୁର୍ନୀତି ପାଇଁ ଯୋଗାଣ ମନ୍ତ୍ରୀ ରାଜା ସ୍ୱାଇଁ ଏବଂ ବିଭାଗୀୟ ସଚ୍ଚିବ ବିରବିକ୍ରମ ସିଂଙ୍କ ଦାୟି କରାଯାଇ ମାଷ୍ଟର କ୍ୟାଂଟିନ ଛକରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ବିକ୍ଷୋଭରେ ମନ୍ତ୍ରୀ ସ୍ୱାଇଁଙ୍କର କୁଶପୁତଳିକା ଦାହ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ଓଡ଼ିଶାର ୭୭ଭାଗ ଲୋକ ଅର୍ଥାତ ୩ କୋଟିରୁ ଉର୍ଦ୍ଧ୍ୱ ଲୋକ ଯେଉଁ ଚାଉଳ/ ଗହମ ପାଉଛନ୍ତି ତାହା ଛେଳି, ମେଣ୍ଢା, ଘୋଡା ଆଦି ପଶୁଖାଦ୍ୟ ଯୋଗ୍ୟ ବୋଲି କେନ୍ଦ୍ର ସରକାରଙ୍କ ଖାଉଟିକଲ୍ୟାଣର ମନ୍ତ୍ରଣାଳୟର ଅଧିକାରୀମାନେ ତଦନ୍ତ କରି ରାଜ୍ୟ ସରକାରଙ୍କୁ ଜଣାଇ ଦେଇଛନ୍ତି । ସୁତରାଂ ଟଙ୍କିକିଆ ଚାଉଳ ପାଉଥିବା ୩କୋଟି ଓଡ଼ିଶା ଛେଳି, ମେଣ୍ଢା ଓ ଘୋଡ଼ା ସାଙ୍ଗେ ସମାନ ବୋଲି ତନଖିରୁ ଜଣାପଡ଼ିଛି । ନବୀନ ସରକାର ୧ଟଙ୍କିଆ ଚାଉଳ ଦେଇ ଓଡ଼ିଶାବାସୀଙ୍କ ଭୋଟ ଲୋଟିନେଲେ । ମାତ୍ର ଯେଉଁ ଚାଉଳ ଦେଲେ ତାହା ପଶୁଖାଦ୍ୟ । ଏଥିରୁ ସ୍ପଷ୍ଟ ହୋଇଛିଯେ ଓଡ଼ିଶା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକାରୀ କରିବାରେ ବିଫଳ ଏବଂ ଏଥିରେ କୋଟି କୋଟି ଟଙ୍କା ଓଡ଼ିଶା ସରକାର ଆତ୍ମସାତ କରିଛନ୍ତି । କଟକ ଓ ଖୋର୍ଦ୍ଧାର ଚାଉଳ ଗୋଦାମ, ରାଇସ ମିଲ, ଶୋଲଭ ଗୋଦାମ ଏବଂ ଏଫସିଆଇ ଗୋଦାମରୁ ସଂଗୃହିତ ୧୫ଟି ନମୁନା ଦିଲ୍ଲୀ କୃଷି ବିଭାଗ ପରୀକ୍ଷାଗାରରେ ପରୀକ୍ଷଣ କରାଯିବା ପରେ ୯ଟି ନମୂନା ପଶୁଖାଦ୍ୟ ବୋଲି ପ୍ରମାଣିତ ହେଲା । ଏବେ କେନ୍ଦ୍ର ଖାଉଟି କଲ୍ୟାଣ ବିଭାଗ ୨ଟି ଟିମ କରି ୮ଟି ଜିଲ୍ଲାରେ ଏହାର ତଦନ୍ତ କରୁଛନ୍ତି । ବର୍ତ୍ତମାନ ୧୦ଲକ୍ଷ ଟନ ଚାଉଳ ମହଜୁଦ ଅଛି । ଏହାର ଆନୁମାନିକ ମୂଲ୍ୟ ୨୫୦୦ କୋଟି । ଯଦି କଟକ ଖୋର୍ଦ୍ଧା ଜିଲ୍ଲାର ଅବସ୍ଥା ଏପରି ତେବେ ମାଲକାନଗିରୀ, ନବରଙ୍ଗପୁର ଓ ମୟୁରଭଞ୍ଜରେ ଅବସ୍ଥା କିପରି ଥିବ ଶ୍ରୀ ନୱାଜ ପ୍ରଶ୍ନ କରିଛନ୍ତି । ଏଥିରୁ ସ୍ପଷ୍ଟ ଯେ ବ୍ୟାପକ ଚାଉଳ ରିସାଇକ୍ଲିନ ହେଉଛି । ମନ୍ତ୍ରୀ ଓ ସରକାରୀ ଅଫିସର ସମସ୍ତେ ଏଥିରେ ସଂପୃକ୍ତ । ବର୍ତ୍ତମାନ ରାଜ୍ୟ ଯୋଗାଣ ନିଗମର କ୍ୱାଲିଟି ସେଲ ତଦନ୍ତ କରି କେବଳ ତଳତଳିଆ ଅଫିସରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ମାତ୍ର ଏହି ମହାଦୁର୍ନୀତର ଖଳନାୟକ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ବିଭାଗୀୟ କମିଶନର ବୀରବିକ୍ରମ ସିଂ କୋଟି କୋଟି ଟଙ୍କା ଆତ୍ମସାତ କରି ମୁଖ୍ୟମନ୍ତ୍ରୀଙ୍କ ବାହୁଛାୟାତଳେ ନିର୍ଭୟରେ ରହିଛନ୍ତି । ପ୍ରଦେଶ ଛାତ୍ର କଂଗ୍ରେସ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କମିଶନର ବିରବିକ୍ରମ ସିଂ, ମିଲମାଲିକ ଏବଂ ଏଥିରେ ସଂପୃକ୍ତ ଥିବା ସମସ୍ତ ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରୁଛି ଏବଂ ମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସୁରେଶ କୁମାର ରାଉତରାୟ କହିଥିଲେ ଯେ କେନ୍ଦ୍ର ସରକାର ଅତ୍ୟାବଶକୀୟ ସାମଗ୍ରୀ ଆଇନ ୨୦୨୦ ରେ ସଂପୃକ୍ତ ମିଲମାଲିକଙ୍କୁ ଖୁବଶୀଘ୍ର କଳା ତାଲିକାଭୁକ୍ତ କରନ୍ତୁ । ପିଡିଏସ ଯୋଜନାରେ ଲୋକଙ୍କୁ ପଶୁଖାଦ୍ୟ ଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ ପାଇଁ ଚରମ ବିଶ୍ୱାସଘାତକତା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସୁନିଲ ମାଟିଆ, ବାବୁ ଜେନା, ରିତ ପାତ୍ର, ସୁବ୍ରତ ମହାପାତ୍ର, ବାଦଲ ମହାନ୍ତି, ଜୟକୃଷ୍ଣ ସୁବୁଦ୍ଧି, ମିହିର ଆଚାର୍ଯ୍ୟ, ସଂକୁନା କହଁର, ବଟକୃଷ୍ଣ ରାଉତରାୟ, ରିତ ସେନାପତି, ମହମ୍ମଦ ଗୋଲଫାମ, ବାଦଲ ମହାନ୍ତି, ଅଭିରାମ ଗୌଡ଼, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, କାର୍ତିକ କାଣ୍ଡି, ଅହମ୍ମଦ ଖାନ, ସହାରୁଖ ଖାନ୍, ଅଜିତ ବାରିକ, ଅବିନାଶ ନନ୍ଦ, ସିବ ରାଉତ, ରିଆଜୁଲ ଅହମ୍ମଦ, ସୂର୍ଯ୍ୟ ସାହୁ, ରାଜେଶ ଦାଶ, ପ୍ରତ୍ୟୁଷ ପ୍ରଧାନ, ପ୍ରଦୀପ ବେହେରା, ଆରିୟନ ସାମଲ, ଦେବ୍ରପସାଦ ନାୟକ, ସୁୟମ୍ଭୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray